AADHAAR

ଟ୍ରେନିଙ୍ଗ୍ ମଡ୍ୟୁଲ୍ ୩

# ବାୟୋମେଟ୍ରିକ୍ ଡାଟା ଏଣ୍ଟ୍ରୀ

**UIDAI**

ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ

# ମୁଖବନ୍ଧ

ପରିଚୟ.......... 3

ଉଦ୍ଦେଶ୍ୟ.......... 3

ହାର୍ଡୱେର୍ ଉପକରଣ.......... 3

ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ଉପକରଣଗୁଡ଼ିକ.......... 4

ମୁହଁର ପ୍ରତିଛବି.......... 4

ଡିଜିଟାଲ୍ କ୍ୟାମେରା.......... 5

ମୁହଁର ପ୍ରତିଛବି ଗ୍ରହଣ କରିବା ପାଇଁ ବିଭିନ୍ନ ପଦାଙ୍କ.......... 5

ଚେହେରାର ପ୍ରତିଛବି ଉଠାଇବା ପାଇଁ ନିର୍ଦ୍ଦେଶାବଳୀ.......... 8

ଡାଟାର ଗୁଣବତ୍ତା ବା କ୍ୱାଲିଟି.......... 13

ଆଙ୍ଗୁଠି ଚିହ୍ନ.......... 14

ଆଙ୍ଗୁଠି ଚିହ୍ନ ସ୍କାନର.......... 14

ଆଙ୍ଗୁଠି ଚିହ୍ନର ପ୍ରତିଛବି ସଂଗ୍ରହ ପାଇଁ କେତେକ ପଦାଙ୍କ.......... 15

ନାମାଙ୍କନ ଅପରେଟର ପ୍ରତି ହାତର ସମସ୍ତ ପାଞ୍ଚ ଆଙ୍ଗୁଠିର ଟିପ ଚିହ୍ନ ରଖିବା ଆବଶ୍ୟକ ଅର୍ଥାତ୍ ଦୁଇ ହାତର ଦଶ ଆଙ୍ଗୁଠି । ଯଦି ବ୍ୟକ୍ତିର ଦଶରୁ ଅଧିକ କିମ୍ବା କମ୍ ଆଙ୍ଗୁଠି ଅଛି ତେବେ କେତେକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିଥାଏ ।.......... 15

ଆଙ୍ଗୁଠି ଚିହ୍ନ ସ୍କାନିଂ କରିବାର ନିର୍ଦ୍ଦେଶାବଳୀ.......... 18

ଡାଟା କ୍ୱାଲିଟି ବା ଗୁଣବତ୍ତା.......... 25

ଆଖି ଡୋଳା.......... 26

ଡୋଳାର ଫୋଟୋଚିତ୍ର ଉତ୍ତୋଳନ କରୁଥିବା ଉପକରଣ.......... 26

ଡୋଳାର ପ୍ରତିଛବି ଉତ୍ତୋଳନ ପାଇଁ ଥିବା ପଦାଙ୍କଗୁଡ଼ିକ.......... 29

ଡୋଳା ସ୍କାନିଂ ପାଇଁ ନିର୍ଦ୍ଦେଶାବଳୀ.......... 31

ଡାଟା କ୍ୱାଲିଟି(ଡାଟାର ଗୁଣବତ୍ତା).......... 32

ବ୍ୟତିକ୍ରମ ନିର୍ଦ୍ଦିଷ୍ଟ କରିବା.......... Error! Bookmark not defined.

ନନ୍-ବାୟୋମେଟ୍ରିକ୍ ଉପକରଣଗୁଡ଼ିକ ........ 40
କମ୍ପ୍ୟୁଟର ........ 40
ଡେସ୍କଟପ୍ ........ 40
ଲାପଟପ୍ ........ 41
ସଫ୍ଟୱେର ........ 42
ପ୍ରିଣ୍ଟର ........ 43

ନାମାଙ୍କନ ଅପରେଟର୍ କ'ଣ କରିବେ ଓ କରିବେନାହିଁ ........ 43
କ'ଣ କରିବେ-ଏକ କାଳୀନ କାର୍ଯ୍ୟକଳାପ ........ 43
କ'ଣ କରିବେ-ଦିନର ଆରମ୍ଭ ........ 44
କ'ଣ କରିବେ- ନାମାଙ୍କନ ସମୟରେ ........ 44
କ'ଣ କରିବେ- ଜନସାଂଖ୍ୟିକୀୟ ଡାଟା କ୍ୟାପଚର୍ ସମୟରେ ........ 45
କ'ଣ କରିବେ- ରେଫରେନ୍ସ ଓ ବ୍ୟାଙ୍କିଙ୍ଗ୍ ଡାଟା କ୍ୟାପ୍ଚର୍ ସମୟରେ ........ 45
କ'ଣ କରିବେ- ବାୟୋମେଟ୍ରିକ୍ କ୍ୟାପଚର୍ ସମୟରେ ........ 45
କ'ଣ କରିବେ- ଫଟୋ ଉଠାଇବା ସମୟରେ ........ 45
କ'ଣ କରିବେ- ଆଙ୍ଗୁଠି ଚିହ୍ନ କ୍ୟାପଚର୍ ସମୟରେ ........ 45
କ'ଣ କରିବେ- ଆଇରିସ୍ କ୍ୟାପଚର୍ ସମୟରେ ........ 46
କ'ଣ କରିବେ- ରିଭିଓ, କନଫର୍ମେସନ୍ ଓ ପ୍ରିଣ୍ଟ୍ ବେଳେ ........ 46
କ'ଣ କରିବେ- ଡକ୍ୟୁମେଣ୍ଟ୍ ମ୍ୟାନେଜମେଣ୍ଟ୍ ସମୟରେ ........ 47
କ'ଣ କରିବେ- ଡକ୍ୟୁମେଣ୍ଟ୍ ମ୍ୟାନେଜମେଣ୍ଟ୍ ସମୟରେ (ସ୍କାନିଙ୍ଗ୍ ସୁବିଧା ଉପଲବ୍ଧ ଥିଲେ) ........ 48

କ'ଣ ନକରିବେ ........ 48

## ପରିଚୟ

ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ପ୍ରାରମ୍ଭ କରାଯାଇଥିବା ବ୍ୟବସ୍ଥାଗୁଡ଼ିକରେ ଥିବା ଅଭାବ ବା ତ୍ରୁଟିକୁ ସୁଧାରିବା ଉଦ୍ଦେଶ୍ୟରେ ଆଧାରର ସମ୍ପୂର୍ଣ୍ଣ କାର୍ଯ୍ୟପନ୍ଥା ବୈପ୍ଳବିକ ଅଟେ ।

ବ୍ୟକ୍ତିର ସ୍ୱତନ୍ତ୍ର ବାୟୋମେଟ୍ରିକ୍ ସୂଚନାକୁ ତା'ର ଚିହ୍ନଟ ପ୍ରକ୍ରିୟା ସହ ଯୋଡ଼ିଦେଇ, ଯେଉଁସବୁ ତ୍ରୁଟି ଏବଂ ନକଲଗୁଡ଼ିକ ପୂର୍ବ ବ୍ୟବସ୍ଥାମାନଙ୍କ ପାଇଁ କ୍ଷତିକାରକ ଥିଲେ, ସେସବୁକୁ ଆଧାର ଏଡ଼ାଇ ଦେଇଛି । ବାୟୋମେଟ୍ରିକ୍ ସୂଚନା ସଂଗ୍ରହ ଏବଂ ଗଚ୍ଛିତ କରିବା ପାଇଁ ଅନେକଗୁଡ଼ିଏ ଉପକରଣ ଏବଂ ସଫ୍ଟୱେର ବ୍ୟବହାର କରାଯାଏ ।

ଏକ ଆଧାର ନାମାଙ୍କନ କେନ୍ଦ୍ରରେ ଉଭୟ ଜନସଂଖ୍ୟା ସମ୍ପର୍କିତ ଏବଂ ବାୟୋମେଟ୍ରିକ୍ ସୂଚନା ସଂଗ୍ରହ ସମୟରେ ବ୍ୟବହାର ହେଉଥିବା ଉପକରଣଗୁଡ଼ିକ ସହ ଏହି ମଡ୍ୟୁଲ୍ ଆପଣଙ୍କୁ ପରିଚିତ କରାଇବ । ବାୟୋମେଟ୍ରିକ୍ ଉପକରଣ ଏବଂ ଆଧାର ନାମାଙ୍କନ କ୍ଲାଏଣ୍ଟ ସଫ୍ଟୱେର ବ୍ୟବହାର କରି ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ କରାଯିବ ।

ନାମାଙ୍କନ ପ୍ରକ୍ରିୟା ସାରିବା ଏବଂ ସିଡିଆଇଆରକୁ ସୂଚନା ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ପ୍ରମାଣପତ୍ର ଉତ୍ପନ୍ନ କରିବା ଏବଂ ସଂଗୃହୀତ ତଥ୍ୟ ଗଚ୍ଛିତ କରିବାରେ ସହାୟକ ହେଉଥିବା ଅନ୍ୟ ଉପକରଣଗୁଡ଼ିକ ସହ ମଧ୍ୟ ଆପଣଙ୍କର ପରିଚୟ କରାଇବ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ମଡ୍ୟୁଲ୍ ବାୟୋମେଟ୍ରିକ୍ ସୂଚନାର ସର୍ବୋତ୍ତମ ଗୁଣବତ୍ତାର ଆବଶ୍ୟକତା ଏବଂ ବ୍ୟବହୃତ ଉପକରଣର ସର୍ବୋତ୍ତମ ସେବା ପାଇବା ଉପରେ ଗୁରୁତ୍ୱାରୋପ କରିବ ।

## ଉଦ୍ଦେଶ୍ୟ

ଏହି ମଡ୍ୟୁଲ୍ ଶେଷରେ, ଆପଣ ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ପର୍କରେ ଶିଖିବେ:

- ବାୟୋମେଟ୍ରିକ୍ ଡାଟା
- ବିଭିନ୍ନ ପ୍ରକାର ବାୟୋମେଟ୍ରିକ୍ ଉପକରଣ
- ମୁହଁର ପ୍ରତିଛବି ସଂଗ୍ରହ କରିବାର ପ୍ରକ୍ରିୟା
- ଅଙ୍ଗୁଳି ଚିହ୍ନ ତଥ୍ୟ ସଂଗ୍ରହ କରିବାରେ ଅନ୍ତର୍ଭୁକ୍ତ ବିଭିନ୍ନ ପଦାଙ୍କ
- ଆଖି ପୁତୁଳିର ପ୍ରତିଛବି ସଂଗ୍ରହ କରୁଥିବା ଉପକରଣର ଚାଳନା
- ନାମାଙ୍କନ ପ୍ରକ୍ରିୟାରେ ନନ୍-ବାୟୋମେଟ୍ରିକ୍ ଉପକରଣ

## ହାର୍ଡୱେର୍ ଉପକରଣଗୁଡ଼ିକ

ଜଣେ ବାସିନ୍ଦାଙ୍କର ନାମାଙ୍କନ ପାଇଁ ବ୍ୟବହୃତ ହାର୍ଡୱେର୍ ଉପକରଣଗୁଡ଼ିକ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରିବ:

1. ବାୟୋମେଟ୍ରିକ୍ ଉପକରଣ
2. ନନ୍-ବାୟୋମେଟ୍ରିକ୍ ଉପକରଣ

**ପ୍ରତ୍ୟେକ ଏନରୋଲି ବା ନାମାଙ୍କନ ପ୍ରାର୍ଥୀଙ୍କର ଅଙ୍ଗୁଳି ଚିହ୍ନ, ପୁତୁଳିର ଗଠନ ଏବଂ ଚେହେରାର ଫୋଟୋ ସଂଗ୍ରହ ପାଇଁ ବାୟୋମେଟ୍ରିକ୍ ଉପକରଣଗୁଡ଼ିକ ବ୍ୟବହୃତ ହୁଏ । ଏହି ଉପକରଣଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା:**

1. ଅଙ୍ଗୁଳି ଚିହ୍ନ ସ୍କାନର
2. ପୁତୁଳିର ଛବି ସଂଗ୍ରହ କରିବା ଉପକରଣ
3. ଡିଜିଟାଲ୍ କ୍ୟାମେରା

**ତଥ୍ୟକୁ ପ୍ରବିଷ୍ଟ କରିବା, ପଢ଼ିବା, ଗଚ୍ଛିତ ରଖିବା, ପ୍ରିଣ୍ଟ କରିବା ଏବଂ ନକଲ କରିବା ପାଇଁ ନନ୍-ବାୟୋମେଟ୍ରିକ୍ ଉପକରଣଗୁଡ଼ିକ ବ୍ୟବହାର କରାଯାଏ । UPS ଏବଂ ବିଦ୍ୟୁତ୍ ଜେନେରେଟରଗୁଡ଼ିକ ବିଦ୍ୟୁତ୍ ଶକ୍ତି ସମ୍ପର୍କିତ ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ ବ୍ୟବହାର କରାଯାଏ । ଏହି ଉପକରଣଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା:**

1. କମ୍ପ୍ୟୁଟର
2. ପ୍ରିଣ୍ଟର
3. ଷ୍ଟୋରେଜ୍ ଡିଭାଇସେସ୍ (ସିଡି/ଡିଭିଡି/ପେନ୍ ଡ୍ରାଇଭ୍/ଛୋଟ ହାର୍ଡ ଡିସ୍କ)
4. ସ୍କାନର୍
5. ଫୋଟୋକପିଅର୍
6. UPS
7. ୟୁନିଭର୍ସାଲ୍ ସିରିଏଲ୍ ବସ୍ (USB) ହବ୍
8. ବୈଦ୍ୟୁତିକ ଜେନେରେଟର

ପରେ ଏହି ମଡ୍ୟୁଲରେ ଆପଣ ଏସବୁ ନନ୍-ବାୟୋମେଟ୍ରିକ୍ ଉପକରଣଗୁଡ଼ିକ ବିଷୟରେ ଜାଣିବେ ।

## ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ଉପକରଣ

ବ୍ୟକ୍ତିର ଶାରୀରିକ, ରାସାୟନିକ କିମ୍ବା ବ୍ୟାବହାରିକ ବୈଶିଷ୍ଟ୍ୟଗୁଡ଼ିକୁ ଭିତ୍ତିକରି ତା'ର ପରିଚୟ ଚିହ୍ନଟ କରିବା ପାଇଁ ବାୟୋମେଟ୍ରିକ୍ସ ବ୍ୟବହାର କରାଯାଏ ।

**ଟେବୁଲ୍ 1: ବାୟୋମେଟ୍ରିକ୍ ଉପକରଣ ଏବଂ ସେଗୁଡ଼ିକର ବ୍ୟବହାର**

| ବାୟୋମେଟ୍ରିକ୍ ଉପକରଣ | ବ୍ୟବହାର |
|---|---|
| ଡିଜିଟାଲ୍ କ୍ୟାମେରା | ମୁହଁର ପ୍ରତିଛବି ସଂଗ୍ରହ |
| ପୁତ୍ତଳି ପ୍ରତିଛବି ସଂଗ୍ରହ କରିବା ଉପକରଣ | ପୁତ୍ତଳିର ପ୍ରତିଛବି |
| ଫିଙ୍ଗରପ୍ରିଣ୍ଟ ସ୍କାନର | ଅଙ୍ଗୁଳିଚିହ୍ନ ସଂଗ୍ରହ |

## ମୁହଁର ପ୍ରତିଛବି



ଚିତ୍ର 1: ଡିଜିଟାଲ୍ ଫୋଟୋ

ମୁହଁର ପ୍ରତିଛବି ବିଭିନ୍ନ ପ୍ରକାର ପରିଚୟ ପତ୍ରରେ ସାଧାରଣତଃ ବ୍ୟବହାର କରାଯାଏ ଏବଂ ଏହାକୁ ବ୍ୟାପକଭାବେ ଏକ ବାୟୋମେଟ୍ରିକ୍ ପରିଚାୟକ ଭାବେ ଗ୍ରହଣ କରାଯାଏ । ମୁହଁ ବା ଚେହେରା ଚିହ୍ନଟ ବ୍ୟବସ୍ଥାଗୁଡ଼ିକ ସବୁଠାରୁ କମ୍ ଅନ୍ତର୍ଭେଦୀ ପ୍ରକାରର ବାୟୋମେଟ୍ରିକ୍ ନମୁନା ସଂଗ୍ରହ ବ୍ୟବସ୍ଥା, ଏହି ବିଷୟରେ କୌଣସି ସମ୍ପର୍କ କିମ୍ବା ସଚେତନତା ଆବଶ୍ୟକତା ନାହିଁ । ଫୋଟୋ, ଭିଡିଓ ଟେପ୍ କିମ୍ବା ଅନ୍ୟ ପ୍ରତିଛବି ଉତ୍ସରୁ ଚେହେରା ସମ୍ପର୍କିତ ବାୟୋମେଟ୍ରିକ୍ ସଂଗ୍ରହ କରାଯାଇପାରେ । ଅଟୋମେଟେଡ୍ ଫେସ୍ ଅଥେଣ୍ଟିକେସନ୍ ସିଷ୍ଟମ୍ ଭଲ ଭାବରେ କାର୍ଯ୍ୟ କରିବା ପାଇଁ ନିୟନ୍ତ୍ରିତ ଆଲୋକ ଉତ୍ସ ବ୍ୟବହାର କରାଯାଇ ଚେହେରାକୁ ଭଲ ଭାବରେ ଆଲୋକିତ କରାଯିବା ଆବଶ୍ୟକ । ଡି-ଡୁପ୍ଲିକେସନ୍ ସୁନିଶ୍ଚିତ କରିବା ପାଇଁ ଚେହେରାର ସୂଚନା ଯଥେଷ୍ଟ ନୁହେଁ । ଏପରିକି ଗୋଟିଏ ମୃଦୁକି ହସ ବୈଶିଷ୍ଟ୍ୟଗୁଡ଼ିକରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ଏବଂ ବ୍ୟବସ୍ଥାକୁ ପ୍ରଭାବିତ କରେ । ତେଣୁ, ସଠିକ୍ ଯାଞ୍ଚ ପାଇଁ ଚେହେରାରେ ନିର୍ବିକାର ଭାବ ଆବଶ୍ୟକ । ଏହା ଯାଞ୍ଚ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, କିନ୍ତୁ ସତ୍ୟ ପ୍ରତିପାଦନ ପାଇଁ ଆବଶ୍ୟକ ଥିବା ଅବିକଳତା ବା ଆକ୍ୟୁରେସି ସ୍ତରର ସର୍ତ୍ତ ପୂରଣ କରେ ନାହିଁ । ଚିତ୍ର 1 ଚେହେରାର ସତ୍ୟତା ପ୍ରତିପାଦନ ପାଇଁ ଡିଜିଟାଲ୍ କ୍ୟାମେରା ବ୍ୟବହାର କରାଯାଇ ସଂଗ୍ରହ କରାଯାଇଥିବା ଫୋଟୋ ପ୍ରଦର୍ଶିତ କରୁଛି ।

## ଡିଜିଟାଲ୍ କ୍ୟାମେରା

ଡିଜିଟାଲ୍ ଫର୍ମାଟରେ ଚେହେରାର ଫୋଟୋଚିତ୍ର ଗ୍ରହଣ କରିବା ପାଇଁ ଏକ ଡିଜିଟାଲ୍ କ୍ୟାମେରା ବ୍ୟବହାର କରାଯାଏ । ଏହା ଏକ **USB (**ୟୁନିଭର୍ସାଲ୍ ସିରିଏଲ୍ ବସ୍**)** ପୋର୍ଟ ସାହାଯ୍ୟରେ ଲାପଟପ୍/ଡେସ୍କଟପ୍ ସହ ସଂଯୋଗ କରାଯାଇଥାଏ । ଡିଜିଟାଲ୍ କ୍ୟାମେରାରେ ଅଟୋ-ଫୋକସ୍ ଲେନସ୍ ଏବଂ ମାଉଣ୍ଟିଂ ବେସ୍ ଥାଏ । ଲେନସ୍ ବ୍ୟକ୍ତିର ଚେହେରା ଉପରେ ଅଟୋମେଟିକ୍ ବା ସ୍ୱୟଂଚାଳିତ ଭାବେ ଫୋକସ୍ କରିବା ପାଇଁ ସମର୍ଥ । ମାଉଣ୍ଟିଂ ବେସ୍ ଲାପଟପ୍/ଡେସ୍କଟପ୍ ଉପରେ କ୍ୟାମେରା ଫିକ୍ସ କରିବାରେ ସାହାଯ୍ୟ କରେ ।

ଏହା ଫୋଟୋ ସଂଗ୍ରହ ପରେ ତୁରନ୍ତ ତାକୁ ପ୍ରଦର୍ଶିତ କରେ ।
ଏକ ଡିଜିଟାଲ୍ କ୍ୟାମେରାର ନିମ୍ନଲିଖିତ ବୈଶିଷ୍ଟ୍ୟ ରହିଛି:

- **ରିଜୋଲ୍ୟୁସନ୍ – ଗୋଟିଏ ଫୋଟୋଗ୍ରାଫ୍ ବହୁତ ସଂଖ୍ୟକ 'ଡଟସ୍' କିମ୍ବା 'ପିକ୍ସେଲ'କୁ ନେଇ ଗଠିତ । ରିଜୋଲ୍ୟୁସନ୍ 'ପିକ୍ସେଲ' ସଂଖ୍ୟା ଉପରେ ନିର୍ଭର କରେ । ପିକ୍ସେଲ୍ ସଂଖ୍ୟା ଅଧିକ ହେବାର ଅର୍ଥ ଫୋଟୋ ଅଧିକ ସ୍ୱଷ୍ଟ ଆସେ ଏବଂ ଏହାର ଗୁଣାତ୍ମକ ମାନ ଅଧିକ ଭଲ ହୋଇଥାଏ ।**
- **ଆପାର୍ଚର୍–** ଏହା ହେଉଛି ସେହି ଓପନିଂର ଆକାର ଯାହା ମଧଦେଇ ଆଲୋକ କ୍ୟାମେରା ମଧରେ ପ୍ରବେଶ କରେ ଏବଂ ଇମେଜ୍ ସେନ୍ସର ଉପରେ ପଡ଼ିଥାଏ । କ୍ୟାମେରାର ପ୍ରକାର ଭେଦ ଉପରେ ନିର୍ଭର କରି ଆପାର୍ଚର ସାଇଜ୍ ହାତରେ କିମ୍ବା ଅଟୋମେଟିକ୍ ଆଡଜଷ୍ଟ କରାଯାଇପାରେ । ଫୋଟୋ ନିଆଯାଉଥିବା ବ୍ୟକ୍ତି କିମ୍ବା ବସ୍ତୁ ଉପରେ ପଡୁଥିବା ଆଲୋକର ପରିମାଣ ଉପରେ ଆଡଜଷ୍ଟମେଣ୍ଟ ନିର୍ଭର କରେ ।
- **ସଟର ସ୍ପିଡ୍ – ଏହା ଆପାର୍ଚର ଖୋଲାଯିବାସମୟ ଅବଧି ନିର୍ଣ୍ଣୟ କରିଥାଏ ।**
- **ଫୋକାଲ୍ ଲେନ୍ସ – ଏହା ହେଉଛି ଲେନ୍ସ ଏବଂ ଇମେଜ୍ ସେନ୍ସରର ସର୍ଫେସ୍ ମଧରେ ଥିବା ଦୂରତ୍ୱ । ଫୋକାଲ୍ ଲେନ୍ଥ ପ୍ରତିଛବିର ମାଗ୍ନିଫିକେସନ୍ ବା ବର୍ଦ୍ଧନ  କିମ୍ବା 'ଜୁମ୍' ନିର୍ଣ୍ଣୟ କରିଥାଏ ।**




**ଚିତ୍ର 2: ଡିଜିଟାଲ୍ କ୍ୟାମେରା**

## ମୁଁହର ପ୍ରତିଛବି ଗ୍ରହଣ କରିବା ପାଇଁ ବିଭିନ୍ନ ପଦାଙ୍କ

ନାମାଙ୍କନ ଅପରେଟର୍ ଏକ ଡିଜିଟାଲ୍ କ୍ୟାମେରା ବ୍ୟବହାର କରି ନାମାଙ୍କନ ପ୍ରାର୍ଥୀ କିମ୍ବା ବାସିନ୍ଦାଙ୍କର ଚେହେରାର ଫୋଟୋ ଉଠାଇବା ଉଚିତ ।



**ଚିତ୍ର 3: ନାମାଙ୍କନ ଅପରେଟର ଏବଂ ଏନରୋଲିଙ୍କର ଅବସ୍ଥିତି**

**ଅନୁଶୀଳନୀ 1: ନିମ୍ନଲିଖିତଗୁଡ଼ିକର ଉତ୍ତର ଦିଅନ୍ତୁ ।**

1. ଚିତ୍ର **3** ରେ ବାମ ପାର୍ଶ୍ୱରେ ବସିଥିବା ବ୍ୟକ୍ତି __________, ଯେତେବେଳେକି ଡାହାଣ ପଟରେ (ବସିଥିବା) ବ୍ୟକ୍ତି __________ ଅଟନ୍ତି।
2. ଆପଣ କ୍ୟାମେରା ଚିହ୍ନଟ କରିପାରୁଛନ୍ତି କି?
3. ଏନରୋଲମେଣ୍ଟ ଷ୍ଟେସନ ଉପରେ ଝୁଲୁଥିବା ବଲ୍ବର ଆବଶ୍ୟକତା କ'ଣ ।
4. ଲାପଟପର ଏକ ସ୍କ୍ରିନ୍ ରହିଛି, ତେଣୁ ଆଉ ଏକ ମନିଟର ସେଠାରେ କାହିଁକି ଅଛି?
5. ଠିଆ ହୋଇଥିବା ବ୍ୟକ୍ତିଙ୍କ ପଛ ପଟେ ଲାଗିଥିବା ଧଳା ରଙ୍ଗର ସ୍କ୍ରିନ୍ କ'ଣ ପାଇଁ ବ୍ୟବହାର କରାଯାଏ?

ଫେସ୍ ବାୟୋମେଟ୍ରିକ୍ ଡାଟା ସଂଗ୍ରହ କରିବା ପାଇଁ ପଦାଙ୍କଗୁଡ଼ିକ ନିମ୍ନଲିଖିତ ପ୍ରକାରରେ ଉଲ୍ଲେଖ କରାଗଲା:

1. **ଏନରୋଲିଙ୍କର ଅବସ୍ଥିତି ଯାଞ୍ଚ କରିବା:**ଫୋଟୋ ଉଠାଯିବା ସମୟରେ ବାସିନ୍ଦା କ୍ୟାମେରା ଆଡ଼କୁ ସିଧା ସଳଖ ମୁହଁ କରି ଠିଆ ହେବା ଉଚିତ । ମୁଣ୍ଡ ବୁଲାଇବା କିମ୍ବା ତଳ କିମ୍ବା ଉପରକୁ କରିବା ଗ୍ରହଣୀୟ ନୁହେଁ ।
2. **କ୍ୟାମେରା ଆଡଜଷ୍ଟ କରିବା:** ସଠିକ୍ ଦୂରତ୍ୱ ଏବଂ ଅଙ୍ଗଭଙ୍ଗୀ ପାଇଁ ଏନରୋଲିଙ୍କର ଅବସ୍ଥିତି ବଦଳାଇବା ଅପେକ୍ଷା ଅପରେଟର କ୍ୟାମେରା ଆଡଜଷ୍ଟ କରିବା ସ୍ପୃହଣୀୟ ।
3. **ଏନରୋଲିଙ୍କର ମୁଖଭଙ୍ଗୀ ଯାଞ୍ଚ କରିବା:**ଏନରୋଲିଙ୍କ ମୁଖଭଙ୍ଗୀ ନିର୍ବିକାର ଥିବା ନେଇ ଅପରେଟର ସୁନିଶ୍ଚିତ ହେବା ଆବଶ୍ୟକ । ଉଦାହରଣସ୍ୱରୂପ, ଫୋଟୋ ଉଠାଯିବା ସମୟରେ ଏନରୋଲି ହସିବା ଉଚିତ ନୁହେଁ । ଫୋଟୋ ନିଆଯାଉଥିବା ସମୟରେ ଏନରୋଲିଙ୍କର ପାଟି ବନ୍ଦ ଏବଂ ଦୁଇ ଆଖି ଖୋଲା ଥିବା ଆବଶ୍ୟକ ।
4. **ଛାଇ/ପ୍ରତିବିମ୍ବ ଯାଞ୍ଚ:** ମୁହଁର ସ୍ୱଷ୍ଟ ପ୍ରତିଛବି ପାଇବା ପାଇଁ ଯଥେଷ୍ଟ ଆଲୋକ ବ୍ୟବସ୍ଥା ରହିଥିବା ଉଚିତ । ଏନରୋଲିଙ୍କ ମୁହଁରେ କୌଣସି ଛାଇ ପଡ଼ି ନଥିବା ଏବଂ ତାଙ୍କ ଆଖିରେ କୌଣସି ପ୍ରତିବିମ୍ବ ଦେଖା ନଯିବା ନେଇ ଅପରେଟର ସୁନିଶ୍ଚିତ ହେବା ଆବଶ୍ୟକ । ଆଖି ତଳେ କୌଣସି ଛାଇ ନପଡ଼ିବା ପାଇଁ ଏନଲୋରିଙ୍କ ସାମନାରେ ଅତିରିକ୍ତ ଆଲୋକ ବ୍ୟବସ୍ଥା ରହିବା ଉଚିତ ।
5. **ଚଷମାମଧ ଦେଇ ଡୋଳା ଏବଂ ପୁଉଳି ଦୃଶ୍ୟମାନ ହେଉଛି କି ନାହିଁ ଯାଞ୍ଚ କରିବା: ଯଦି ଏନରୋଲି ଚଷମା ପିନ୍ଧିଛନ୍ତି, ସେ ଚଷମା ପିନ୍ଧିଥିବା ଅବସ୍ଥାରେ ହିଁ ଫୋଟୋ ଉଠାଯିବା ଉଚିତ । କିନ୍ତୁ ଅପରେଟର ଏ ସମ୍ପର୍କରେ ସୁନିଶ୍ଚିତ ହେବା ଉଚିତ ଯେ, ଡୋଳା ଏବଂ ପୁତଳି ଭଲ ଭାବେ ଦୃଶ୍ୟମାନ ହେଉଛି ଏବଂ ଏନରୋଲି କଳା/ରଙ୍ଗୀନ ସନ୍ ଗ୍ଲାସ୍ ପିନ୍ଧି ନାହାନ୍ତି ।**

6. **ହାତ ବ୍ୟବହାର କରି ଫୋଟୋ ଉଠାଇବା: ଆଧାର ନାମାଙ୍କନ କ୍ଲାଏଣ୍ଟ ଆପ୍ଲିକେସନ୍ ସଫ୍ଟୱେରରେ ଥିବା ଏକ ବଟନକୁ ଅପରେଟରକୁ ନିଜ ହାତରେ କ୍ଲିକ୍ କରିବାକୁ ପଡ଼େ । ଫୋଟୋଗ୍ରାଫ୍ କ୍ଷେତ୍ରରେ କୌଣସି ଅଟୋ କ୍ୟାପଚରିଂ ମେସିନ୍ ନଥାଏ ।**

**ଅନୁଶୀଳନୀ 2: ଚେହେରାର ପ୍ରତିଛବି**

- ଜଣେ ଏନରୋଲିଙ୍କର ଚେହେରାର ପ୍ରତିଛବି ଉଠାଇବା ଥିବା ପାଇଁ ସୋପାନଗୁଡ଼ିକର ତାଲିକା କରନ୍ତୁ ।
- ସଠିକ୍ ଉକ୍ତିଟି ବାଛନ୍ତୁ ।
  - **a)** ଏନରୋଲିଙ୍କ ଅବସ୍ଥିତି ଆଡଜଷ୍ଟ କରିବା ବଦଳରେ ଅପରେଟର ଡିଜିଟାଲ୍ କ୍ୟାମେରାର ଅବସ୍ଥିତି ବଦଳାଇବା ଉଚିତ ।
  - **b)** ଡିଜିଟାଲ୍ କ୍ୟାମେରାର ଅବସ୍ଥିତି ଆଡଜଷ୍ଟ କରିବା ବଦଳରେ ଅପରେଟର ଏନରୋଲିଙ୍କ ଅବସ୍ଥିତି ବଦଳାଇବା ଉଚିତ ।

**ଦୃଶ୍ୟପଟ 1: ପଗଡ଼ି ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କର ଫୋଟୋ ଉତ୍ତୋଳନ**






## ଚେହେରାର ପ୍ରତିଛବି ଉଠାଇବା ପାଇଁ ନିର୍ଦ୍ଦେଶାବଳୀ

1. ପ୍ରତିଛବି ଉତ୍ତୋଳନ ପାଇଁ ବ୍ୟବହାର ହେଉଥିବା ଡିଜିଟାଲ୍ କ୍ୟାମେରାରେ ଅଟୋ ଫୋକସ୍ ଟେକ୍ନୋଲୋଜି ଥାଏ । ତେଣୁ ଅପରେଟରଙ୍କୁ ଏଥିରେ କୌଣସି ଫୋକସିଂ ଆଡଜଷ୍ଟମେଣ୍ଟ କରିବା ପାଇଁ ଦରକାର ପଡ଼େନାହିଁ ।
2. କ୍ୟାମେରାରେ ଧକ୍କା ଲାଗିବା କିମ୍ବା ଦୋହଲିବା ଯୋଗୁଁ ଉଠାଯାଇଥିବା ପ୍ରତିଛବି ଝାପ୍ସା ଯେପରି ନହୁଏ ସେଥିପ୍ରତି ଅପରେଟର ଧ୍ୟାନ ରଖିବା ଆବଶ୍ୟକ । ପ୍ରତିଛବି ବେଶୀ କଳା କିମ୍ବା ବେଶୀ ଉଜ୍ଜଳ ହେବା ଉଚିତ ନୁହେଁ ।
3. କମ୍ ଭୋଲଟେଜ୍ ଯୋଗୁଁ ଯଦି କମ୍ ପରିମାଣର ଆଲୋକ ଥାଏ, ଜେନେରେଟର ବ୍ୟାକ୍ ଅପ୍ ବ୍ୟବହାର କରିବା ପାଇଁ ନାମାଙ୍କନ ଏଜେନସୀଙ୍କୁ ଅପରେଟର କହିପାରନ୍ତି ।

   ଯଦି ଏକ ନିର୍ଦ୍ଦିଷ୍ଟ କୋଠରୀରେ ଆଲୋକ ବ୍ୟବସ୍ଥା ଯଥେଷ୍ଟ ନୁହେଁ, ଉପଯୁକ୍ତ ଆଲୋକ ବ୍ୟବସ୍ଥା ଥିବା ଅନ୍ୟ ଏକ କୋଠରୀକୁ ନାମାଙ୍କନ ଷ୍ଟେସନ୍ ସ୍ଥାନାନ୍ତର କରିବା ପାଇଁ ଅପରେଟର ନାମାଙ୍କନ ଏଜେନ୍ସୀ ସୁପରଭାଇଜରଙ୍କୁ କହି ପାରନ୍ତି ।

   ଉପରୋକ୍ତ କୌଣସି ପରିସ୍ଥିତିରେ ମଧ୍ୟ ଅପରେଟର ଚିତ୍ର ଉତ୍ତୋଳନ କରିବା ପାଇଁ ଫ୍ଲାସ୍ ଲାଇଟ୍ ବ୍ୟବହାର କରିବା ଉଚିତ ନୁହେଁ ।
4. ଅସ୍ୱଚ୍ଛ କାନ୍ଥ/ବିଭାଜନ ବିପକ୍ଷରେ ଏକ ପୃଷ୍ଠପଟ (ବାସିନ୍ଦାଙ୍କ ପଛପଟରେ ଏକ ଧଳା ରଙ୍ଗର ପ୍ରଚ୍ଛଦପଟ) ରଖିବା ସ୍ପୃହଣୀୟ ।
5. ପଗଡ଼ି କିମ୍ବା ସ୍କାର୍ଫ କିମ୍ବା ଅନ୍ୟ କୌଣସି ବସ୍ତ୍ର ପିନ୍ଧିଥିବା ବ୍ୟକ୍ତିଙ୍କର ମଧ୍ୟ ଅପରେଟର ଚେହେରାର ପ୍ରତିଛବି ଉତ୍ତୋଳନ କରିପାରିବେ । ବାସିନ୍ଦାଙ୍କର ସଂପୂର୍ଣ୍ଣ ଚେହେରା ଦେଖାଯାଉଥିବା ସେ ସୁନିଶ୍ଚିତ କରିବା ଉଚିତ । ବାସିନ୍ଦାଙ୍କର ଚେହେରାର ପୂରା ଫୋଟୋଚିତ୍ର ନେବାପାଇଁ ଅପରେଟରଙ୍କୁ କ୍ୟାମେରାର ଅବସ୍ଥିତି ଆଡଜଷ୍ଟ କରିବାକୁ ପଡ଼ିବ ।
6. ମୁହଁର କୌଣସି ଅଂଶକୁ ଢାଙ୍କି ରଖୁଥିବା ଅନ୍ୟ କୌଣସି ଆକ୍ସେସରି ପାଇଁ ମଧ୍ୟ ଅନୁମତି ନାହିଁ । ତେବେ, ସ୍ୱାସ୍ଥ୍ୟଗତ କାରଣରୁ ଆଖିର ପଟି ଭଳି କେତେକ ଆକ୍ସେସରି ପାଇଁ ଅନୁମତି ଦିଆଯାଏ ।

7. ଜଣେ ମହିଳା ବାସିନ୍ଦାଙ୍କର ନାମାଙ୍କନ କରିବା ସମୟରେ, ଜଣେ ମହିଳା ଭଲେଣ୍ଟିଅର ତାଙ୍କୁ ଆବଶ୍ୟକ ସ୍ଥଳରେ ସାହାଯ୍ୟ କରିବା ଉଚିତ ।

8. ଏନରୋଲି ଜଣେ ଛୋଟପିଲା ହୋଇଥିଲେ, ପିତାମାତାଙ୍କ କୋଳରେ ବସିବା ପାଇଁ ଅନୁମତି ଦିଆଯାଇପାରେ । କିନ୍ତୁ ଅପରେଟର ଧ୍ୟାନ ରଖିବା ଉଚିତ ଯେ, ପିଲାର ମୁହଁ ସହ ପିତାମାତାଙ୍କର ମୁହଁ ଫୋଟୋରେ ଯେପରି ଦେଖାନଯିବ । ଏ କ୍ଷେତ୍ରରେ ଅଶ୍ୱେତ ରଙ୍ଗର ପୃଷ୍ଠପଟ ବାତିଲ୍ କରାଯାଇପାରେ, କିନ୍ତୁ ଗୋଟିଏ ଫୋଟୋରେ ଦୁଇଟି ଚେହେରା ରହିବା ଉଚିତ ନୁହେଁ ।

9. ଅପରେଟର ଏହା ସୁନିଶ୍ଚିତ ହେବା ଉଚିତ ଯେ, ଏନରୋଲିଙ୍କ ମୁଖଭଙ୍ଗୀ ନିରପେକ୍ଷ ରହିଛି ଅର୍ଥାତ୍ ତାଙ୍କ ମୁହଁ ହସ ହସ ନଥିବ, ପାଟି ବନ୍ଦ ଏବଂ ଆଖି ଖୋଲା ଥିବ।

10. ଅପରେଟର ସୁନିଶ୍ଚିତ ହେବା ଉଚିତ ଯେ, ଆଲୋକ ସବୁ ଆଡ଼େ ସମାନ ଭାବେ ବିଚ୍ଛୁରିତ ହୋଇଛି ଏବଂ ବାସିନ୍ଦାଙ୍କର ମୁହଁ ଏବଂ ଆଖିରେ କୌଣସି ଛାଇ ପଡ଼ିନାହିଁ ।

11. ବାସିନ୍ଦାଙ୍କର ଚଷମା ପରିଷ୍କାର ଏବଂ ସ୍ୱଚ୍ଛ ହେବା ଉଚିତ ଯାହାଦ୍ୱାରା କି ଉଭୟ ଡୋଳା ଏବଂ ପୁତ୍ତଳି ସ୍ପଷ୍ଟଭାବେ ଦୃଶ୍ୟମାନ ହେଉଥିବ । ଯଦି ବାସିନ୍ଦା ହାଲୁକା ରଙ୍ଗର ଚଷମା ପିନ୍ଧିଛନ୍ତି ତେବେ ସିଧାସଳଖ ଏବଂ ପଛପଟରୁ ଆସୁଥିବା ଆଲୋକର ଉତ୍ସ ସେହି ଅନୁସାରେ ଆଡଜଷ୍ଟ କରାଯିବା ଉଚିତ ।

**ଅନୁଶୀଳନୀ 3: ମନେରଖନ୍ତୁ...**

| |
|---|
| ନେହା ନିଜର ନାମାଙ୍କନ କରିବା ପାଇଁ ଏନରୋଲମେଣ୍ଟ ସେଣ୍ଟର ଆସିଛି । କିରଣ ଏନରୋଲମେଣ୍ଟ ସେଣ୍ଟରରେ ଜଣେ ନୂଆ ଅପରେଟର । ଚେହେରାର ପ୍ରତିଛବି ନେବା ସମୟରେ ସେ କି କି ବିଷୟ ଧ୍ୟାନରେ ରଖିବ? |

## ଦୃଶ୍ୟପଟ 2: ବୁର୍ଖା ପିନ୍ଧିଥିବା ମହିଳା – ଚେହେରାର ପ୍ରତିଛବି ଉତ୍ତୋଳନ









**ଅନୁଶୀଳନୀ 4: ଚିତ୍ରୋତ୍ତଳନ ସମ୍ପର୍କିତ କେତେକ ସମସ୍ୟା**

ଫାତିମାର ଫୋଟୋ ଉଠାଇବା ସମୟରେ ସୁପ୍ରିୟାକୁ କି କି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା**?** ନିମ୍ନରେ ଦିଆଯାଇଥିବା ତାଲିକାରେ ଠିକ୍ ଚିହ୍ନ ମାରନ୍ତୁ**:**

- ଫୋକସିଂ ସମ୍ପର୍କିତ ସମସ୍ୟା
- ଆଲୋକ ସମ୍ପର୍କିତ ସମସ୍ୟା
- ବାସିନ୍ଦାଙ୍କର ମୁଖଭଙ୍ଗୀ ସମ୍ପର୍କିତ ସମସ୍ୟା
- ପ୍ରଚ୍ଛଦପଟ ପ୍ରତିଛବି ଜନିତ ସମସ୍ୟା
- ବାସିନ୍ଦାଙ୍କ ଅବସ୍ଥିତି ଜନିତ ସମସ୍ୟା
- ସଂସ୍କୃତି ସମସ୍ୟା

## ଦୃଶ୍ୟପଟ 3: 5 ବର୍ଷ ବୟସ୍କ





### ଅନୁଶୀଳନୀ 5: ଏକ ଛୋଟ ପିଲାର ଫୋଟୋ ଉଠାଇବା ସମ୍ପର୍କିତ ସମସ୍ୟା

ଚିଣ୍ଟୁର ଫୋଟୋ ଉଠାଇବା ସମୟରେ ଅପରେଟରକୁ କି କି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା? ନିମ୍ନରେ ଦିଆଯାଇଥିବା ତାଲିକାରେ ଠିକ୍ ଚିହ୍ନ ମାରନ୍ତୁ:

- ଫୋକସିଂ ସମ୍ପର୍କିତ ସମସ୍ୟା
- ଆଲୋକ ସମ୍ପର୍କିତ ସମସ୍ୟା
- ବାସିନ୍ଦାଙ୍କର ମୁଖଭଙ୍ଗୀ ସମ୍ପର୍କିତ ସମସ୍ୟା
- ପ୍ରଚ୍ଛଦପଟ ପ୍ରତିଛବି ଜନିତ ସମସ୍ୟା
- ବାସିନ୍ଦାଙ୍କ ଅବସ୍ଥିତି ଜନିତ ସମସ୍ୟା
- ସଂସ୍କୃତି ସମସ୍ୟା

## ଡାଟାର ଗୁଣବତ୍ତା ବା କ୍ୱାଲିଟୀ

ବେଳେବେଳେ କ୍ୟାପଚର୍ କରାଯାଇଥିବା ଛବି ଆଶାନୁଯାୟୀ ଗୁଣବତ୍ତା ସହ ଖାପ ଖାଇନଥାଏ। **AEC** ଦ୍ୱାରା ଯୋଗାଇ ଦିଆଯାଇଥିବା ବିଭିନ୍ନ ପ୍ରକାରର ଆକ୍ସନେବଲ୍ ଫିଡ୍ ବ୍ୟାକ୍ କୁ ଆପଣ ନିଶ୍ଚୟ ଦେଖିବା ଉଚିତ। ବାସିନ୍ଦାଙ୍କ ଫଟୋଗ୍ରାଫ୍ ଉଠାଇବାବେଳେ ଏକ କିମ୍ବା ଏକାଧିକ ତ୍ରୁଟି ଥିଲେ ବାଇ ଡିଫଲ୍ଟ **Face Quality Details** ପପ୍ ଅପ୍ ୱିଣ୍ଡୋ ଦୃଶ୍ୟମାନ ହୁଏ। କ୍ୱାଲିଟି ଡିଟେଲ୍ସ ବା ଗୁଣବତ୍ତାର ବିବରଣୀ ଦେଖିବା ପାଇଁ **Actionable feedback**ଆଇକନ୍ ( ) ରେ କ୍ଲିକ୍ କରନ୍ତୁ।




ମୁଖ ଉତ୍କର୍ଷତା ବିବରଣୀ

**Face Quality Details** ୱିଣ୍ଡୋଟି ପ୍ରତ୍ୟେକ ଆଟ୍ରିବ୍ୟୁଟ୍ ପାଇଁ ସ୍କୋର୍, କମ୍ପ୍ଲିଆନ୍ସ ଓ କମେଣ୍ଟ ଦେଖାଏ।

କିଛି ଆକ୍ସନେବଲ୍ ଫିଡ୍ ବ୍ୟାକ୍ କମେଣ୍ଟଗୁଡିକ ହେଲା:

- କୌଣସି ମୁହଁ ମିଳିନାହିଁ
- ନାମାଙ୍କନ ବ୍ୟକ୍ତି ବହୁ ଦୂରରେ ଅଛନ୍ତି (ଇନପୁଟ୍ ଇମେଜ୍ ରେ ଆଖି ଦୂରତା ହେଉଛି ୯୦ରୁ କମ୍)
- ନାମାଙ୍କନ ବ୍ୟକ୍ତି ବହୁ ପାଖରେ ଅଛନ୍ତି (ଇନପୁଟ୍ ଇମେଜ୍ ରେ ଆଖି ଦୂରତା, ଇମେଜ୍ ପ୍ରସ୍ତର ଏକ ତୃତୀୟାଂଶରୁ ଅଧିକ)
- ପୋଜ୍ (ସିଧା ଦେଖନ୍ତୁ)
- ଅପର୍ଯ୍ୟାପ୍ତ ଆଲୋକ
- ବହୁତ ନିମ୍ନ ମୁଖ ବିଶ୍ୱାସ (ମୁଖହୀନ, ବସ୍ତୁଟି ମାନବ ମୁଖ ପରି ଚିହ୍ନଟ ହେଉନାହିଁ)
- ପୋଜ୍ (ଆଉଟପୁଟ୍ ଇମେଜ୍ ରେ ଅସ୍ଥିର କୋଣ, ୧୧.୫ ଡିଗ୍ରୀରୁ ଅଧିକ)
- ଅସମାନ ଆଲୋକ ବ୍ୟବସ୍ଥା (ଆଉଟପୁଟ୍ ଇମେଜ୍ ରେ ମୁଖର)

- ଅନୁପଯୁକ୍ତ ବ୍ୟାକଗ୍ରାଉଣ୍ଡ୍ (ଆଉଟପୁଟ୍ ଇମେଜ୍ ରେ)
- ଅପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା (ଆଉଟପୁଟ୍ ଇମେଜ୍ ର ମୁଖରେ ଖରାପ ଗ୍ରେ' ଭାଲ୍ୟୁ)

## ଆଙ୍ଗୁଠି ଚିହ୍ନ

ଆପଣଙ୍କ ଆଙ୍ଗୁଠିଗୁଡ଼ିକର ଯେଉଁ ଅଂଶରେ ଚର୍ମ ଉପରକୁ ଉଠିଛି, କେତେକ ନିର୍ଦ୍ଦିଷ୍ଟ ସର୍ଫେସ୍ ଉପରେ ସେଗୁଡ଼ିକ ନିଜର ଛାପ ଛାଡ଼ିପାରନ୍ତି । ଏହିଭଳି ଏକ ଛାପକୁ ଆଙ୍ଗୁଠି ଚିହ୍ନ କୁହାଯାଏ ।

ଜଣେ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଆଙ୍ଗୁଠି ଚିହ୍ନ ସବୁଠାରୁ ପାରମ୍ପରିକ ପ୍ରକ୍ରିୟା ମଧ୍ୟରୁ ଗୋଟିଏ । କମ୍ ବ୍ୟୟ ଏବଂ ପ୍ରଭାବଶାଳୀ ଉପାୟରେ ଡିଜିଟାଲ୍ ଆଙ୍ଗୁଠି ଚିହ୍ନ ସଂଗ୍ରହ ଉପକରଣ ସାହାଯ୍ୟରେ ସହଜରେ ଆଙ୍ଗୁଠି ଚିହ୍ନ ସ୍କାନ୍ କରି ହେବ, ଏହାକୁ ଫିଙ୍ଗରପ୍ରିଣ୍ଟ ସ୍କାନର ମଧ୍ୟ କୁହାଯାଏ । ପ୍ଲାଟେନ୍ କୁହାଯାଉଥିବା ଏକ ସ୍ୱଚ୍ଛ କାଚ ପ୍ଲେଟ ଉପରେ ଆଙ୍ଗୁଠିଗୁଡ଼ିକ ରଖାଯାଇ ଆଙ୍ଗୁଠି ଚିହ୍ନର ପ୍ରତିଛବି ନିଆଯାଇ ସ୍କାନ୍ କରାଯାଏ । ସେହି ପ୍ରତିଛବି ଗୁଡ଼ିକ କମ୍ପ୍ୟୁଟରରେ ଗଚ୍ଛିତ ରଖାଯାଏ ।



ଚିତ୍ର 4: ଆଙ୍ଗୁଠି ଚିହ୍ନର ନମୁନା

| ଟିପ୍ପଣୀ |
| --- |
| ଜଣେ ବ୍ୟକ୍ତିର ଆଙ୍ଗୁଠି ଚିହ୍ନର ବାହ୍ୟ ରୂପ ଏବଂ ସେହି କାରଣରୁ ଡିଜାଟାଇଜେସନ୍ ପ୍ରକ୍ରିୟା ନିର୍ଭର କରେ,<br>• ବୟସ – ବ୍ୟକ୍ତିର ବୟସ ବଢ଼ିଲେ ଆଙ୍ଗୁଠି ଚିହ୍ନ ବଦଳିବାର ସମ୍ଭାବନା ରହିଛି ।<br>• ଆଙ୍ଗୁଠି ଉପରେ ବିଦେଶୀ ଜିନିଷର ଉପସ୍ଥିତି – ତେଲ, ଧୂଳି, କାଦୁଅ ଭଳି ଜିନିଷ<br>• ଆଙ୍ଗୁଠିରେ କଟା ଦାଗ କିମ୍ବା କ୍ଷତ<br>• ବ୍ୟକ୍ତିର ଧନ୍ଦା ଏବଂ ଜୀବନଶୈଳୀ ଉପରେ ନିର୍ଭର କରି ଢାଞ୍ଚାଗୁଡ଼ିକର ପ୍ରାଧାନ୍ୟ |

### ଆଙ୍ଗୁଠି ଚିହ୍ନ ସ୍କାନର୍

ନାମାଙ୍କନ ଷ୍ଟେସନରେ ଆଙ୍ଗୁଠି ଚିହ୍ନଗୁଡ଼ିକ USB ପୋର୍ଟ ସାହାଯ୍ୟରେ କମ୍ପ୍ୟୁଟର/ଲାପଟପ୍ ସହ ସଂଯୋଗ ହୋଇଥିବା ଡିଜିଟାଲ୍ ସ୍ଲାପ୍ ଫିଙ୍ଗରପ୍ରିଣ୍ଟ ସ୍କାନର ସାହାଯ୍ୟରେ ସଂଗ୍ରହ କରାଯାଏ । ଏଥିରେ ପ୍ଲାଟେନ୍ କୁହାଯାଉଥିବା ଏକ ଚଉଡ଼ା ଗ୍ଲାସ୍ ପ୍ଲେଟ୍ ଥାଏ ଯାହା ଉପରେ ଠିକ୍ ଜାଗାରେ ଆଙ୍ଗୁଠି ରଖିବା ପାଇଁ ସୂଚକଗୁଡ଼ିକ ବ୍ୟବହାରକାରୀଙ୍କୁ ଦିଗ୍ ଦର୍ଶନ ଦେଇଥାନ୍ତି ଏବଂ ଏହା ପରେ ଫିଙ୍ଗରପ୍ରିଣ୍ଟ ସଂଗୃହିତ ହୋଇଥାଏ । ସ୍ଲାପ୍ ଫିଙ୍ଗର ପ୍ରିଣ୍ଟ ସ୍କାନର କ୍ଷେତ୍ରରେ, ହାତର ସମସ୍ତ ଚାରି ଆଙ୍ଗୁଠିର ଚିହ୍ନ ଏକା ସମୟରେ ସଂଗୃହିତ ହୋଇଥାଏ । ଏହା ପରେ ଦୁଇ ବୁଢ଼ା ଆଙ୍ଗୁଠିର ଟିପଚିହ୍ନ ଏକା ସମୟରେ ନିଆଯାଏ ।




ଚିତ୍ର 5: ଆଙ୍ଗୁଠି ଚିହ୍ନ ରଖିବା ପାଇଁ ସ୍ଲାପ୍ ସ୍କାନର୍

## ଆଙ୍ଗୁଠି ଚିହ୍ନର ପ୍ରତିଛବି ସଂଗ୍ରହ ପାଇଁ କେତେକ ପଦାଙ୍କ

**ନାମାଙ୍କନ ଅପରେଟର ପ୍ରତି ହାତର ସମସ୍ତ ପାଞ୍ଚ ଆଙ୍ଗୁଠିର ଟିପ ଚିହ୍ନ ରଖିବା ଆବଶ୍ୟକ ଅର୍ଥାତ୍ ଦୁଇ ହାତର ଦଶ ଆଙ୍ଗୁଠି । ଯଦି ବ୍ୟକ୍ତିର ଦଶରୁ ଅଧିକ କିମ୍ବା କମ୍ ଆଙ୍ଗୁଠି ଅଛି ତେବେ କେତେକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିଥାଏ ।**


ଏନରୋଲି (ବାସିନ୍ଦା)ଙ୍କର ଆଙ୍ଗୁଠି ଚିହ୍ନର ପ୍ରତିଛବି କିପରି ନେବାକୁ ହୁଏ ନିମ୍ନଲିଖିତ ପଦାଙ୍କଗୁଡ଼ିକ ତାହା ଦର୍ଶାଉଛନ୍ତି:

1. **ବାମ ହାତ ଆଙ୍ଗୁଠି ଚିହ୍ନ: ପ୍ରଥମତଃ, ବୁଢ଼ା ଆଙ୍ଗୁଠିକୁ ଛାଡ଼ି ବାମ ହାତର ଅନ୍ୟ ଚାରି ଆଙ୍ଗୁଠିର ଟିପ ଚିହ୍ନ ଏକା ସାଙ୍ଗେ ସଂଗ୍ରହ କରାଯାଏ । ଚିତ୍ର 8 ରେ ସ୍କାନ୍ ହେବାକୁ ଥିବା ଆଙ୍ଗୁଠିଗୁଡ଼ିକ ଦର୍ଶାଯାଇଛି ।**

   ଅପରେଟର ଏନରୋଲିଙ୍କୁ ବାମ ହାତର ଚାରି ଆଙ୍ଗୁଠି ପ୍ଲାଟେନ୍ ଉପରେ ରଖି ସର୍ଫେସ୍ ସହ ଭଲଭାବରେ ସଂସ୍ପର୍ଶରେ ଆସିବା ପାଇଁ ଡାହାଣ ହାତରେ ହାଲୁକା ଚାପ ପ୍ରୟୋଗ କରିବା ପାଇଁ କହିବେ ।



**ଚିତ୍ର 6: ପ୍ଲାଟେନ୍ ଉପରେ ଆଙ୍ଗୁଠିର ଅବସ୍ଥିତି**



**ଚିତ୍ର 7: ସ୍କାନ୍ ହେବାକୁ ଥିବା ଆଙ୍ଗୁଠିଗୁଡ଼ିକୁ ଚିତ୍ରରେ ଦର୍ଶାଯାଇଛି**

2. **ଡାହାଣ ହାତର ଆଙ୍ଗୁଠି ଚିହ୍ନ:ଦ୍ୱିତୀୟତଃ, ବୁଢ଼ା ଆଙ୍ଗୁଠିକୁ ଛାଡ଼ି ଡାହାଣ ହାତର ଅନ୍ୟ ଚାରି ଆଙ୍ଗୁଠିର ଟିପ ଚିହ୍ନ ଏକା ସାଙ୍ଗେ ସଂଗ୍ରହ କରାଯାଏ । ଚିତ୍ର 10 ରେ ସ୍କାନ୍ ହେବାକୁ ଥିବା ଆଙ୍ଗୁଠିଗୁଡ଼ିକ ଦର୍ଶାଯାଇଛି ।**

   ଅପରେଟର ଏନରୋଲିଙ୍କୁ ଡାହାଣ ହାତର ଚାରି ଆଙ୍ଗୁଠି ପ୍ଲାଟେନ୍ ଉପରେ ରଖି ସର୍ଫେସ୍ ସହ ଭଲଭାବରେ ସଂସ୍ପର୍ଶରେ ଆସିବା ପାଇଁ ବାମ ହାତରେ ହାଲୁକା ଚାପ ପ୍ରୟୋଗ କରିବା ପାଇଁ କହିବେ ।



**ଚିତ୍ର 8: ପ୍ଲାଟେନ୍ ଉପରେ ଆଙ୍ଗୁଠିର ଅବସ୍ଥିତି**




**ଚିତ୍ର 9:ସ୍କାନ୍ ହେବାକୁ ଥିବା ଆଙ୍ଗୁଠିଗୁଡ଼ିକୁ ଚିତ୍ରରେ ଦର୍ଶାଯାଇଛି**

3. **ଦୁଇ ବୁଢ଼ା ଆଙ୍ଗୁଠି ଚିହ୍ନ:**ଦୁଇ ହାତର ବୁଢ଼ା ଆଙ୍ଗୁଠିର ଚିହ୍ନ ଏକା ସଙ୍ଗେ ନିଆଯାଏ । ଚିତ୍ର 12 ରେ ଯେପରି ଦର୍ଶାଯାଇଛି ସେହିପରି ବୁଢ଼ା ଆଙ୍ଗୁଠି ସ୍କାନ୍ କରାଯାଏ ।

   ଅପରେଟର ଏନରୋଲିଙ୍କୁ ଦୁଇ ହାତର ବୁଢ଼ା ଆଙ୍ଗୁଠି ପ୍ଲାଟେନ୍ ଉପରେ ରଖି ସର୍ଫେସ୍ ସହ ଭଲ ଭାବରେ ସଂସ୍ପର୍ଶରେ ଆସିବା ପାଇଁ କିଛି ଚାପ ପ୍ରୟୋଗ କରିବା ପାଇଁ କୁହନ୍ତି ।



**ଚିତ୍ର 10: ପ୍ଲାଟେନ୍ ଉପରେ ବୁଢ଼ା ଆଙ୍ଗୁଠିର ଅବସ୍ଥିତି**



**ଚିତ୍ର 11: ବୁଢ଼ା ଆଙ୍ଗୁଠିର ସ୍କାନିଂ**

ଏକ ଉପଯୁକ୍ତ ସ୍ଲାପ୍ ଆଙ୍ଗୁଠି ଚିହ୍ନର ପ୍ରତିଛବି ପାଇବା ପାଇଁ ଏନରୋଲି ଯେପରି ସର୍ଫେସ୍ ର ଅଧିକାଂଶ ସ୍ଥାନ ବ୍ୟବହାର କରନ୍ତି, ଅପରେଟର ଏଥିପ୍ରତି ଧ୍ୟାନ ଦେବା ଉଚିତ ।

4. **ଅଟୋ କ୍ୟାପଚର୍:** ପ୍ଲାଟେନ୍ ଉପରେ ଆଙ୍ଗୁଠି ରଖାଗଲେ ଆପ୍ଲିକେସନ୍ ସଫ୍ଟୱେର ଆପେ ଆପେ ଆଙ୍ଗୁଠି ଚିହ୍ନ ସଂଗ୍ରହ କରିଥାଏ । ଏଥିପାଇଁ କୌଣସି ମାଉସ୍ କ୍ଲିକ୍ କରିବା କିମ୍ବା ବଟନ୍ ପ୍ରେସ୍ କରିବାର ଆବଶ୍ୟକତା ପଡ଼େନାହିଁ ।

   ଆଙ୍ଗୁଠି ଚିହ୍ନ ଠିକ୍ ଭାବେ ସଂଗୃହୀତ ହେଲା ବୋଲି ଯେତେବେଳେ ସ୍କାନର ସୂଚନା ଦିଏ, ଆପ୍ଲିକେସନ୍ ସଫ୍ଟୱେର ଆଙ୍ଗୁଠି ଚିହ୍ନର ପ୍ରତିଛବି ଉତ୍ତୋଳନ କରିଥାଏ । ସଫଳତାର ସହ ପ୍ରତି ଆଙ୍ଗୁଠିର ପ୍ରତିଛବି ସଂଗ୍ରହ ହୋଇଛି ବୋଲି ସ୍କାନର ଯେପର୍ଯ୍ୟନ୍ତ ସଂକେତ ଦେଇନଥାଏ, ସଫ୍ଟୱେର ପ୍ରତିଛବି ଉତ୍ତୋଳନ କରେ ନାହିଁ । ଯଦି ଆପେ ଆପେ ଆଙ୍ଗୁଠି ଚିହ୍ନର ପ୍ରତିଛବି ସଂଗୃହିତ ହୁଏ ନାହିଁ, ତେବେ ଅପରେଟରଙ୍କୁ ମାନୁଆଲି ଏହି କାମ କରିବା ପାଇଁ ପଡ଼ିଥାଏ । ଫୋର୍ସ କ୍ୟାପଚର୍ ବଟନ୍ କ୍ଲିକ୍ କରି ଫୋର୍ସଡ କିମ୍ବା ମାନୁଆଲ୍ କ୍ୟାପଚର୍ ପାଇଁ ସଫ୍ଟୱେର ଅନୁମତି ଦେଇଥାଏ । ଅଟୋମେଟିକ୍ କ୍ୟାପଚର ସମୟରେ ଅତିକମ୍ ରେ ଗୋଟିଏ ବିଫଳ ପ୍ରଚେଷ୍ଟା ପରେ ଏହା ସମ୍ଭବ ହୋଇଥାଏ ।

5. **ଭିଜୁଆଲ୍ ଚେକିଂ:**ଶେଷରେ, ଗୁଣବତ୍ତା ଏବଂ ସ୍ୱାଭାବିକ ସମସ୍ୟାଗୁଡ଼ିକ ପାଇଁ ଆପ୍ଲିକେସନ୍ ସଫ୍ଟୱେରରେ ଅପରେଟର ଆଙ୍ଗୁଠି ଚିହ୍ନଗୁଡ଼ିକ କିପରି ଦେଖାଯାଉଛି ଯାଞ୍ଚ କରିନେବା ଉଚିତ ।

ଯଦି କୌଣସି ସମସ୍ୟା ଥାଏ, ତେବେ ଉପରେ ଦିଆଯାଇଥିବା ପଦାଙ୍କଗୁଡ଼ିକର ପୁନରାବୃତ୍ତି କରନ୍ତୁ ।

**ଅନୁଶୀଳନୀ 6: ଫିଙ୍ଗରପ୍ରିଣ୍ଟିଂ**

| |
|---|
| ସଂଗ୍ରହ କରାଯାଇଥିବା ଫିଙ୍ଗରପ୍ରିଣ୍ଟର ଗୁଣାତ୍ମକ ମାନ ଭଲ ବୋଲି ଆପଣ କିପରି ଜାଣିପାରିବେ? |
| [ସୂଚନା: ଆପଣ ଆଧାର ଏନରୋଲମେଣ୍ଟ କ୍ଲାଏଣ୍ଟ ବ୍ୟବହାର କରିଛନ୍ତି କି?] |

## ଦୃଶ୍ୟପଟ 4: ଜଣେ ବରିଷ୍ଠ ନାଗରିକଙ୍କର ଆଙ୍ଗୁଠି ଚିହ୍ନ ଉତ୍ତୋଳନ






**ଅନୁଶୀଳନୀ 7: ଆପଣ ଆଙ୍ଗୁଠି ଚିହ୍ନର ପ୍ରତିଛବି ସଂଗ୍ରହ କ୍ରମ ଜାଣିଛନ୍ତି କି?**

ଆଙ୍ଗୁଠି ଚିହ୍ନର ପ୍ରତିଛବି ସଂଗ୍ରହ କାର୍ଯ୍ୟ କ୍ରମାନୁସାରେ ଲେଖନ୍ତୁ ।


କ. ଦୁଇ ବୁଢ଼ା ଆଙ୍ଗୁଠିର ଟିପଚିହ୍ନ ସଂଗ୍ରହ ।

ଖ. ବାମ ହାତର ଆଙ୍ଗୁଠି ଗୁଡ଼ିକର ଟିପଚିହ୍ନ ସଂଗ୍ରହ ।

ଗ. ଡାହାଣ ହାତ ଆଙ୍ଗୁଠିଗୁଡ଼ିକର ଟିପ ଚିହ୍ନ ସଂଗ୍ରହ ।

## ଆଙ୍ଗୁଠି ଚିହ୍ନ ସ୍କାନିଂ କରିବାର ନିର୍ଦ୍ଦେଶାବଳୀ

1. ଯଦି ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ଜଣେ ଏନରୋଲିଙ୍କର ଆଙ୍ଗୁଠି ଚିହ୍ନ ସ୍ପଷ୍ଟ ଆସୁନି, ତେବେ ଅପରେଟର ତାଙ୍କୁ ହାତ ସଫା କରିବା ପାଇଁ କହିବା ଉଚିତ । ଏଥିପାଇଁ କେନ୍ଦ୍ରରେ ଥିବା ଏକ ଓଦା ସ୍ପଞ୍ଜ କିମ୍ବା ଟାୱେଲ୍ ଅପରେଟର ଏନରୋଲିଙ୍କୁ ଦେଇପାରନ୍ତି ।
2. ଅପରେଟର ଏନରୋଲିଙ୍କୁ ପ୍ଲାଟେନ୍ ଉପରେ କିପରି ଆଙ୍ଗୁଠିଗୁଡ଼ିକ ରଖିବେ ତାହା ଦେଖାଇ ବୁଝାଇବା ଉଚିତ, କିନ୍ତୁ ପ୍ରକ୍ରିୟା ବୁଝାଇବା ସମୟରେ ସେ ଏନଲୋରିଙ୍କୁ ଛୁଇଁବା ଉଚିତ ନୁହେଁ । ନିମ୍ନରେ ଦିଆଯାଇଥିବା ଚିତ୍ର **13** ଏହି ପ୍ରକ୍ରିୟାକୁ ଦର୍ଶାଉଛି ।




ଚିତ୍ର 12: ଆଙ୍ଗୁଠି ଚିହ୍ନ ସ୍କାନିଂ ସମୟରେ ବାସିନ୍ଦାଙ୍କୁ ସାହାଯ୍ୟ କରିବା

ଚିତ୍ର 14 ରେ ପ୍ଲାଟେନ୍ ଉପରେ ସଠିକ୍ ଭାବରେ ଆଙ୍ଗୁଠି ରଖିବାର ପ୍ରକ୍ରିୟା ଦର୍ଶାଯାଇଛି ।



ଚିତ୍ର 14: ଫିଙ୍ଗରପ୍ରିଣ୍ଟ ସ୍କାନର ପ୍ଲାଟେନ୍ ଉପରେ ସଠିକ୍ ଭାବେ ଆଙ୍ଗୁଠି ରଖିବାର ପ୍ରକ୍ରିୟା

3. ପ୍ଲାଟେନର ଧାରକୁ (ଫିଙ୍ଗରପ୍ରିଣ୍ଟ ସ୍କାନିଂ ଉପକରଣର କାଚ ସର୍ଫେସ୍) ଯେପରି ଆଙ୍ଗୁଠି ସ୍ପର୍ଶ ନକରେ ସେଥିପ୍ରତି ଅପରେଟର ଧ୍ୟାନ ରଖିବା ଉଚିତ। ଆଙ୍ଗୁଠିଚିହ୍ନର ପ୍ରତିଛବି ଉପଯୁକ୍ତଭାବେ ସଂଗ୍ରହ ପାଇଁ ଯଥେଷ୍ଟ ସ୍ଥାନ ଥିବା ଆବଶ୍ୟକ । ଚିତ୍ର 15ରେ ଦର୍ଶାଯାଇଥିବା ଭଳି ଆଙ୍ଗୁଠିର କୌଣସି ଅଂଶ ପ୍ଲାଟେନର ଧାରକୁ ସ୍ପର୍ଶ କରୁନଥିବା ଉଚିତ ।



ଚିତ୍ର 15: ପ୍ଲାଟେନ୍ ଉପରେ ଆଙ୍ଗୁଠିଗୁଡ଼ିକର ସଠିକ୍ ଅବସ୍ଥିତି

4. ଅଙ୍ଗୁଳି ସ୍ପର୍ଶର କ୍ଷେତ୍ର ବଢ଼ାଇବା ପାଇଁ ପ୍ଲାଟେନ୍ ଉପରେ କିଛି ଚାପ ପ୍ରୟୋଗ କରିବାକୁ ଅପରେଟର ବାସିନ୍ଦାଙ୍କୁ ଅନୁରୋଧ କରିବା ଉଚିତ ଏବଂ ଆବଶ୍ୟକତା ଅନୁସାରେ ଉନ୍ନତ ମାନର ପ୍ରତିଛବି ସଂଗ୍ରହ କରିବା ଆବଶ୍ୟକ ।

   ଚାପ ପ୍ରୟୋଗ କରିବା ପାଇଁ, ପ୍ରଥମତଃ ଅପରେଟରକୁ ବାସିନ୍ଦାଙ୍କର ପ୍ରଚେଷ୍ଟା ଉପରେ ବିଶ୍ୱାସ ରଖିବାକୁ ହେବ । ଯଦି ବାସିନ୍ଦା ସଫଳ ହେଉ ନାହାନ୍ତି, ତେବେ ତାଙ୍କର ଅନୁମତି ନେଇ ଅପରେଟର ତାଙ୍କୁ ସାହାଯ୍ୟ କରିପାରନ୍ତି । ଯଦି ଅପରେଟର ଜଣେ ମହିଳାଙ୍କର ନାମାଙ୍କନ କରୁଛନ୍ତି ତା' ହେଲେ ତାଙ୍କୁ ନାମାଙ୍କନ କେନ୍ଦ୍ରରେ ଉପସ୍ଥିତ ଥିବା ଜଣେ ମହିଳା ଭଲେଣ୍ଟିୟରଙ୍କ ସହାୟତା ନେବାକୁ ପଡ଼ିବ ।

5. ଯଦି ଏନରୋଲି/ବାସିନ୍ଦା ପ୍ଲାଟେନ୍ ଉପରେ ତାଙ୍କ ଆଙ୍ଗୁଠି ଠିକ୍ ଭାବରେ ରଖିବାରେ ଅସମର୍ଥ ହେଉଛନ୍ତି, ତା ହେଲେ, ଏନରୋଲର/ଅପରେଟର ଏନରୋଲି/ବାସିନ୍ଦାଙ୍କର ଅନୁମତି ନେଇ ତାଙ୍କୁ ସାହାଯ୍ୟ କରିପାରିବେ।


   ଯଦି ଏହା ସଫଳ ହେଉନାହିଁ, ଏନରୋଲି ଆଙ୍ଗୁଠିଗୁଡ଼ିକୁ ଯେତିକି ପ୍ରସାରିତ କରିପାରୁଛନ୍ତି ସେହି ଅବସ୍ଥାରେ ଅପରେଟର ଆଙ୍ଗୁଠି ଚିହ୍ନ ନେବା ପାଇଁ ଚେଷ୍ଟା କରିବା ଉଚିତ ଏବଂ ପ୍ଲାଟେନ୍ ଉପରେ ବାସିନ୍ଦାଙ୍କର ଆଙ୍ଗୁଠି ରଖିବା ଉଚିତ ।

   ଏହାପରେ ଏନରୋଲିଙ୍କର ଅନ୍ୟ ହାତଟିର ପରବର୍ତ୍ତୀ ଆଙ୍ଗୁଠିଚିହ୍ନଗୁଡ଼ିକ କିମ୍ବା ବୁଢ଼ା ଆଙ୍ଗୁଠି ଦୁଇଟିର ଚିହ୍ନ ସଂଗ୍ରହ କରାଯାଇପାରିବ ।

6. ଯଦି ଏନରୋଲିଙ୍କ ହାତରେ ମେହେନ୍ଦି ଲାଗିଛି, ଅପରେଟର ଆଙ୍ଗୁଠିଚିହ୍ନ ସଂଗ୍ରହ କରିବାର ସାଧାରଣ ପ୍ରକ୍ରିୟା ଅନୁସରଣ କରିବା ଉଚିତ । ଯଦି ଟିପରେ ହସ୍ତରେଖା ଗୁଡ଼ିକ ଫାଟିଛି କିମ୍ବା ଘଷରା ହୋଇଯାଇଛି, ଉପଯୁକ୍ତ ଆଙ୍ଗୁଠିଚିହ୍ନର ପ୍ରତିଛବି ପାଇବା ପାଇଁ ଅପରେଟର ଏନରୋଲିଙ୍କୁ ହାତ ଘଷିବା ପାଇଁ କହିପାରିବେ ।

7. ଆଙ୍ଗୁଠିଗୁଡ଼ିକ ପ୍ରସାରିତ କରି ତଥା ଆଙ୍ଗୁଠିର ଅଗ୍ରଭାଗ ଯେପରି ସ୍କାନର ଉପରେ ଭଲଭାବରେ ରଖାଯାଏ ନେଇ ଅପରେଟର ସୁନିଶ୍ଚିତ ହେବା ଆବଶ୍ୟକ । ପ୍ଲାଟେନ୍ ଉପରେ କୌଣସି ସିଧାସଳଖ ଆଲୋକ ଚକ୍ ଚକ୍ କରୁ ନଥିବା ଆବଶ୍ୟକ । ଆଙ୍ଗୁଠିଗୁଡ଼ିକର ସଠିକ୍ ଅବସ୍ଥିତି ଜାଣିବା ପାଇଁ ଫିଙ୍ଗରପ୍ରିଣ୍ଟ ଡିଭାଇସର ସୂଚକଗୁଡ଼ିକୁ ବ୍ୟବହାର କରନ୍ତୁ । ଉପକରଣ ଉପରେ ଆଙ୍ଗୁଠିଗୁଡ଼ିକ ଠିକ୍ ଦିଗରେ ରଖାଯିବା ଉଚିତ ।

8. ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅପରେଟର ପ୍ଲାଟେନକୁ ସଫା କରିବା ପାଇଁ ଭାଙ୍ଗ ପଡ଼ିନଥିବା ସାଧା କପଡ଼ା ବ୍ୟବହାର କରିବା ଆବଶ୍ୟକ । ଚିତ୍ର **16**ରେ ଉପକରଣକୁ ସଫା କରିବାର ପ୍ରକ୍ରିୟା ଦର୍ଶାଯାଇଛି ।



**ଚିତ୍ର 16: ଫିଙ୍ଗରପ୍ରିଣ୍ଟ ସ୍କାନରର ସଫେଇ**

9. ପ୍ଲାଟେନ୍ ଉପରେ ଯେମିତି ସ୍କ୍ରାଚ୍ ନହୁଏ, ସେଥିପାଇଁ ଅପରେଟର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଉପକରଣଗୁଡ଼ିକ ଯାଞ୍ଚ କରିନେବା ଉଚିତ । ନାମାଙ୍କନ ସମୟରେ ଫୋକସ୍ ହୋଇନଥିବା କିମ୍ବା ଆଂଶିକଭାବେ ଆସିଥିବା ଆଙ୍ଗୁଠିଚିହ୍ନର ଫୋଟୋକୁ ମଧ୍ୟ ଅପରେଟର ଯାଞ୍ଚ କରିବା ଆବଶ୍ୟକ ।

10. ଠିଆ ହୋଇଥିବା ଅବସ୍ଥାରେ ଆଙ୍ଗୁଠିଚିହ୍ନଗୁଡ଼ିକର ଫୋଟୋ ଭଲଭାବରେ ଉଠାଯାଇପାରେ ।

11. ଯଦି ବାସିନ୍ଦାଙ୍କର ଅତିରିକ୍ତ ଆଙ୍ଗୁଠି ଥାଏ, ତେବେ ଅପରେଟର ଆଙ୍ଗୁଠି ଚିହ୍ନ ଫୋଟୋ ଉଠାଇବା ସମୟରେ ସେଗୁଡ଼ିକର ଫୋଟୋ ନ ଉଠାଇ କେବଳ ଦୁଇ ହାତର ମୁଖ୍ୟ ପାଞ୍ଚ ଆଙ୍ଗୁଠିର ଫୋଟୋ ଉଠାଇବା ଉଚିତ ।

**ଅନୁଶୀଳନୀ ୫: କ'ଣ ଶିଖିଲେ...**

| |
|---|
| ଜଣେ ଏନରୋଲିଙ୍କର ଆଙ୍ଗୁଠିଚିହ୍ନ ଚିତ୍ର ଉତ୍ତୋଳନ ସମୟରେ ମନେରଖାଯିବାକୁ ଥିବା ଅତି କମରେ **5**ଟି ପଏଣ୍ଟ ଲେଖନ୍ତୁ । |

## ଦୃଶ୍ୟପଟ 5: ଜଣେ ବାଳକର ଆଙ୍ଗୁଠିଚିହ୍ନ ଉତ୍ତୋଳନ

ବୋମାନ ନାମକ ଗୋଟିଏ ପିଲାର ଆଙ୍ଗୁଠି ଚିହ୍ନ କ୍ୟାପଚର କରିବା






**ଅନୁଶୀଳନୀ ୨: ଆଙ୍ଗୁଠି ଚିହ୍ନଜନିତ ସମସ୍ୟା**


ବୋମନର ଆଙ୍ଗୁଠି ଚିହ୍ନ ନେବା ସମୟରେ ଅପରେଟରକୁ କି କି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା? ନିମ୍ନରେ ଦିଆଯାଇଥିବା ତାଲିକାରୁ ଚୟନ କରନ୍ତୁ:

- ଅପରେଟରଙ୍କ ନିର୍ଦ୍ଦେଶ ଅନୁସରଣ କରିବାରେ ବାଳକଟି ଅସମର୍ଥ
- ପିଲାଟିର ଆଙ୍ଗୁଠିଗୁଡ଼ିକ ପରିଷ୍କାର ନାହିଁ
- ପିଲାଟିର ହାତ ବହୁତ ଅଧିକ ଓଦା
- ଆବଶ୍ୟକତା ଅନୁସାରେ ଚାପ କିମ୍ବା ବଳ ପ୍ରୟୋଗ କରିବାରେ ପିଲାଟି ଅସମର୍ଥ
- ପିଲାଟିର ଆଙ୍ଗୁଠି ଚିହ୍ନଗୁଡ଼ିକ ଭଲ ଭାବରେ ବିକଶିତ ହୋଇନାହିଁ
- ପିଲାଟିର ଆଙ୍ଗୁଠିରେ ମେହେନ୍ଦି ଲାଗିଛି

## ଡାଟା କ୍ୱାଲିଟୀ ବା ଗୁଣବତ୍ତା

ଯଦି କ୍ୟାପଚର୍ କରାଯାଇଥିବା ଡାଟାର ଗୁଣବତ୍ତା ସିଷ୍ଟମ୍ ରେ ନିର୍ଦ୍ଦିଷ୍ଟ କରାଯାଇଥିବା ଥ୍ରେସହୋଲ୍ଡ ବା ସୀମା ସହିତ ଖାପ ଖାଏ, ତେବେ ଏହାକୁ ଗ୍ରହଣ କରେ ଓ ଡାଟାକୁ ସେଭ୍ କରେ ।

ମନେରଖନ୍ତୁ ଯେ, ଏଠାରେ ପ୍ରୋଗ୍ରେସ୍ କରାଇବା ପାଇଁ ଆପଣଙ୍କୁ ଏକ ଗ୍ରହଣୀୟ କ୍ୱାଲିଟି ନେବାକୁ ହେବ । **Actionable feedback** ଆଇକନ୍ ( )ରେ କ୍ଲିକ୍ କରିବା ପରେ, **Quality Details**ପପ୍ ଅପ୍ ୱିଣ୍ଡୋଟି ଦୃଶ୍ୟମାନ ହେବ, ଯାହା ଉପରେ ସ୍ଲାପ୍ କମ୍ପ୍ଲିଆନ୍ସ ରିପୋର୍ଟ୍ ଗୁଡିକ ଦୃଶ୍ୟମାନ ହୁଏ ।





ଚିତ୍ର୨୦: ଆଙ୍ଗୁଠି ଚିହ୍ନ ଉତ୍କର୍ଷତା ବିବରଣୀ

ସଫ୍ଟୱେର୍ ଦ୍ୱାରା ଦିଆଯାଇଥିବା କିଛି ଆକ୍ସନେବଲ୍ ଫିଡ୍ ବ୍ୟାକ୍:

- ଉପସ୍ଥିତ ଆଙ୍ଗୁଠିଗୁଡ଼ିକର ସଂଖ୍ୟା ଆଶାନୁରୂପ ଆଙ୍ଗୁଠିଗୁଡ଼ିକର ସଂଖ୍ୟା ସହିତ ମେଳ ଖାଉନାହିଁ
- ଆଙ୍ଗୁଠି ସଠିକ୍ ଭାବରେ ରହିନାହିଁ
- ବହୁତ ଅଧିକ ଚାପ
- ବହୁତ କମ୍ ଚାପ
- କେନ୍ଦ୍ର ସ୍ଥାନ ନାହିଁ
- ମାତ୍ରାଧିକ ଆର୍ଦ୍ରତା (ଓଦା)
- ମାତ୍ରାଧିକ ଶୁଷ୍କତା

## ଆଖି ଡୋଳା


ଡୋଳା ମଣିଷ ଆଖିର ରଙ୍ଗୀନ ଏବଂ ଭଲ ଭାବରେ ଦୃଶ୍ୟମାନ ଅଂଶ ଯାହା ପୁତ୍ତଳିକୁ ଘେରି ରହିଥାଏ। ଆଖିରେ ପ୍ରବେଶ କରୁଥିବା ଆଲୋକର ପରିମାଣକୁ ଡୋଳା ନିୟନ୍ତ୍ରଣ କରିଥାଏ । ଏହା ଆଖିର ମୁଦ୍ରିକା ଆକାରର କ୍ଷେତ୍ର ଯାହାର ଦୁଇ ପାର୍ଶ୍ଵରେ ପୁତ୍ତଳି ଏବଂ ସ୍କେରା ଥାଏ ।



ଚିତ୍ର ୩: ଆଇରିସ୍

ଡୋଳାର ଏକ ସ୍ଵତନ୍ତ୍ର ଗଠନ ଥାଏ, ଯାହା ଏକ ଢାଞ୍ଚା ବା ପାଟର୍ନ ସୃଷ୍ଟି କରିଥାଏ ଏବଂ ଏହାର ଚିତ୍ର ଉତ୍ତୋଳନ କରାଯାଇପାରେ । ପାଟର୍ନଗୁଡ଼ିକ ଅନିୟମିତ ଭାବେ ସୃଷ୍ଟି ହୋଇଥାଏ ଏବଂ ଏଗୁଡ଼ିକ ବହୁତ ଜଟିଳ । ଡୋଳା ଚିହ୍ନଟ ଏବଂ ପାଟର୍ନ ମ୍ୟାଚ୍ କରିବାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା:

- କ୍ଷତ ବ୍ୟତୀତ ଅନ୍ୟ କୌଣସି ପରିସ୍ଥିତିରେ ସମୟ ସହ ଡୋଳାର ପାଟର୍ନଗୁଡ଼ିକ ବଦଳି ନଥାଏ ।
- ଦୁଇ ଜଣ ବ୍ୟକ୍ତିଙ୍କର ଡୋଳାର ପାଟର୍ନ ଏକା ନୁହେଁ; ଏପରିକି ଜଣେ ବ୍ୟକ୍ତିର ବାମ ଏବଂ ଡାହାଣ ଆଖି ଡୋଳାର ପାଟର୍ନ ମଧ୍ୟ ଭିନ୍ନ ଭିନ୍ନ ।
- ଚଷମା ଏବଂ କଣ୍ଟାକ୍ଟ ଲେନ୍ସଗୁଡ଼ିକ ସଂଗୃହିତ ପ୍ରତିଛବିର ଗୁଣବତ୍ତାକୁ ପ୍ରାୟତଃ ପ୍ରଭାବିତ କରେନାହିଁ ।
- ଅନ୍ୟ ବାୟୋମେଟ୍ରିକ୍ ଟେକ୍ନୋଲୋଜି ତୁଳନାରେ ଏହି ପ୍ରକ୍ରିୟା ଅଧିକ ସଂଖ୍ୟକ ଲୋକଙ୍କୁ ଅନ୍ତର୍ଭୁକ୍ତ କରିଛି ।
- ଆଗରୁ ଥିବା ପାଟର୍ନ ସହ ନୂଆ ପାଟର୍ନର ତୁଳନା ଅତି ଶୀଘ୍ର କରାଯାଇପାରେ ।


ଚିତ୍ର 18: ଡୋଳାର ପାଟର୍ନ

ଆମ ଆଖିର ଏକ ଆଭ୍ୟନ୍ତରୀଣ ଅଂଶ ହେଉଛି ଡୋଳା । ତେଣୁ ଡୋଳା ନଷ୍ଟ ହେବାର ବହୁ କମ୍ ସମ୍ଭାବନା ଥାଏ । ତେଣୁ 'ସବୁବେଳେ ଉପଲବ୍ଧ' ପ୍ରମାଣ ଭଳି ଜଣେ ବ୍ୟକ୍ତି ପରିଚୟ ଯାଞ୍ଚ ପାଇଁ ଆମେ ଆଜୀବନ ଏହାକୁ ବ୍ୟବହାର କରିପାରିବା ।

ନିୟମିତ ଫୋଟୋଗ୍ରାଫ ନେବା ଭଳି ଡୋଳାର ଫୋଟୋ ମଧ୍ୟ ନିଆଯାଏ , ତେବେ ଉପକରଣଟି ଫୋଟୋ ନେବା ସମୟରେ ଇନଫ୍ରାରେଡ୍ ଲାଇଟ୍ ବ୍ୟବହାର କରିଥାଏ, ଯାହା ଖାଲି ଆଖିରେ ଦେଖିହୁଏ ନାହିଁ। ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଡୋଳାର ପ୍ରତିଛବି ଗ୍ରହଣ କରେ ଏବଂ କମ୍ପ୍ୟୁଟରରେ ଗଚ୍ଛିତ ହୋଇପାରିବା ଭଳି ଏକ ପ୍ରତିଛବି ଉତ୍ପନ୍ନ କରେ ।

ଡୋଳା ପୂରାପୂରି ସଠିକ୍ ବାୟୋମେଟ୍ରିକ୍ ସୂଚନା ଦେଉଥିବା ବ୍ୟାପକଭାବେ ବିଶ୍ଵାସ କରାଯାଏ । ଦୁଇ ଆଖିର ଡୋଳାର ପାଟର୍ନ ଏକା ଭଳି ନୁହେଁ; ତେଣୁ ଏହା ଦୁଇଟି ଅଲଗା ଅଲଗା ବାୟୋମେଟ୍ରିକ୍ ଫିଚର ସେଟ୍ ଦେଇଥାଏ ।

ବିନା କୌଣସି ଶାରୀରିକ ସ୍ପର୍ଶରେ ଡୋଳାର ନମୁନା ସଂଗ୍ରହ କରାଯାଏ ଏବଂ ଯେଉଁ ବ୍ୟକ୍ତିଙ୍କର ଡୋଳାର ପ୍ରତିଛବି ନିଆଯାଉଛି ତାଙ୍କୁ ମଧ୍ୟ କୌଣସି ସମସ୍ୟା ନହେଲା ଭଳି ଏହି କାର୍ଯ୍ୟ କରାଯାଏ । ଅତି କମ୍ ସମୟରେ ଏହି ପ୍ରତିଛବି ସଂଗ୍ରହ କରାଯାଏ ।

### ଡୋଳାର ଫୋଟୋଚିତ୍ର ଉତ୍ତୋଳନ କରୁଥିବା ଉପକରଣ

ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଏକ ବାୟୋମେଟ୍ରିକ୍ ଉପକରଣ । ଦୁଇ ପ୍ରକାର ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଉପଲବ୍ଧ, ସେଗୁଡ଼ିକ ହେଉଛି ସିଙ୍ଗଲ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଏବଂ ଡବଲ୍ ଆଇରିସ୍ କ୍ୟାପଚରିଂ ଡିଭାଇସ୍ । ସିଙ୍ଗଲ୍ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଗୋଟିଏ ସମୟରେ କେବଳ ଗୋଟିଏ ଆଖି ଡୋଳାର ଫୋଟୋ ଉଠାଇପାରେ, ଯେତେବେଳେ କି ଡବଲ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଏକା ସମୟରେ ଦୁଇଟି ଆଖି ଡୋଳାର ଫୋଟୋ ଉଠାଇପାରେ । ପ୍ରସ୍ତୁତି ଏବଂ ମଡେଲ୍ ଅନୁସାରେ ଏହି ଉପକରଣଗୁଡ଼ିକୁ ହାତରେ ଧରି ଫୋଟୋ ଉଠାଯାଇପାରେ କିମ୍ବା ଟ୍ରାଇପୋଡ୍ ଉପରେ ରଖାଯାଇପାରେ ।

ନାମାଙ୍କନ କେନ୍ଦ୍ରରେ **USB (ୟୁନିଭର୍ସାଲ୍ ସିରିଏଲ୍ ବସ୍)** ପୋର୍ଟ ସାହାଯ୍ୟରେ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଲାପଟପ୍/ଡେସ୍କଟପ୍ ସହ ସଂଯୁକ୍ତ ହୋଇଥାଏ । ଏହି ଉପକରଣକୁ ଚାଲୁ କରିବା ପାଇଁ ଅଲଗା ପାୱାର ସପ୍ଲାଇର ଆବଶ୍ୟକତା ପଡ଼େନାହିଁ । **USB** ପୋର୍ଟ ଜରିଆରେ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଲାପଟପ୍/ଡେସ୍କଟପ୍ ରୁ ପାୱାର ସପ୍ଲାଇ ପାଇଥାଏ ।





**ଚିତ୍ର 19: ଡବଲ୍ ଆଇରିସ୍ କ୍ୟାପଚରିଂ ଡିଭାଇସେସ୍**



**ଚିତ୍ର 20: ସିଙ୍ଗଲ୍ ଆଇ ଆଇରିସ୍ ସ୍କାନର୍**

କାର୍ଯ୍ୟଶୈଳୀ ଉପରେ ଭିତ୍ତିକରି, ବିଭିନ୍ନ ପ୍ରକାର ଆଇରିସ୍ ସ୍କାନର୍ ରହିଛି । ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା:

- ଡବଲ୍ ଆଇରିସ୍ ସ୍କାନର୍ ଏକା ସମୟରେ ଦୁଇ ଆଖିର ପ୍ରତିଛବିକୁ ସ୍କାନ୍ କରିଥାଏ । ଅପରେଟର୍ ସ୍କାନରକୁ ଧରି ଧୀରେ ଧୀରେ ଏନରୋଲିଙ୍କ ଆଖି ଆଡ଼କୁ ନେଇଥାନ୍ତି । ସ୍କାନର ଆଖିର ଯଥେଷ୍ଟ ନିକଟତର ହେବା ପରେ ଡୋଳା ଆପେ ଆପେ ସ୍କାନ୍ ହୋଇଥାଏ ।
- ଅନ୍ୟ ଏକ ପ୍ରକାରର ଡବଲ୍ ଆଇ ସ୍କାନର ରହିଛି, ଯାହା ଆଖିର ଖୁବ୍ ନିକଟରେ ରଖାଯାଏ । ସ୍କାନର ଗୋଟିଏ ପରେ ଗୋଟିଏ ଡୋଳାକୁ ସ୍କାନ୍ କରିଥାଏ। କିନ୍ତୁ ସ୍କାନରକୁ ଗତିଶୀଳ କରାଇବାର କୌଣସି ଆବଶ୍ୟକତା ନଥାଏ ।

- ସିଙ୍ଗଲ୍ ଆଇରିସ୍ ସ୍କାନର ଏକ ଡିଜିଟାଲ୍ କ୍ୟାମେରା ଭଳି ଦେଖାଯାଏ । ଏହି ପ୍ରକାର ସ୍କାନର ଗୋଟିଏ ସମୟରେ ଗୋଟିଏ ଆଖିକୁ ସ୍କାନ୍ କରେ । ସ୍କାନରକୁ ନାମାଙ୍କନ ଅପରେଟର ଧରନ୍ତି ଏବଂ ଏହା ଗୋଟିଏ ସମୟରେ ଏନରୋଲିଙ୍କର ଗୋଟିଏ ଆଖିର ପ୍ରତିଛବି ସଂଗ୍ରହ କରିଥାଏ ।

ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଡୋଳାରେ ଥିବା ଜଟିଳ ପାଟର୍ନଗୁଡ଼ିକୁ (ଯେପରି ପୂର୍ବରୁ ଆଲୋଚନା କରାଯାଇଥିଲା) ସ୍କାନ୍ କରିଥାଏ ଏବଂ ଏକ ଡିଜିଟାଲ୍ ପ୍ରତିଛବି ଉତ୍ପନ୍ନ କରିଥାଏ । ଆଖିକୁ କୌଣସି କ୍ଷତି ନ ପହଞ୍ଚାଇ ଡୋଳାକୁ ଆଲୋକିତ କରିବା ପାଇଁ ଅଧିକାଂଶ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଇନଫ୍ରାରେଡ୍ ଲାଇଟ୍ ବ୍ୟବହାର କରିଥାନ୍ତି, ଯାହା ଖାଲି ଆଖିକୁ ଦେଖାଯାଏ ନାହିଁ ।

ପ୍ରସ୍ତୁତି ଏବଂ ମଡେଲ୍ ଉପରେ ନିର୍ଭର କରି, ଏହି ଉପକରଣଗୁଡ଼ିକ,


- ହ୍ୟାଣ୍ଡ-ହେଲ୍ଡ ଏବଂ
- ଟ୍ରାଇପୋଡ୍-ମାଉଣ୍ଟେଡ୍ ହୋଇପାରେ

ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଏକ ହାଲୁକା ଉପକରଣ  । ଯେତେବେଳେ ଉପକରଣଟି ଠିକ୍ ଭାବେ ରଖାଯାଇଥାଏ, ଏହା ଆପେ ଆପେ ଡୋଳା ଉପରେ ଫୋକସ୍ କରିବା ପାଇଁ ସକ୍ଷମ ହୋଇଥାଏ । ବିଭିନ୍ନ ପ୍ରକାର ଆଲୋକ ଜନିତ ପରିସ୍ଥିତିରେ ମଧ୍ୟ ଏହା ଆପେ ଆପେ ଆଡଜଷ୍ଟ କରିପାରେ ।

ଏହାର ଏକ **USB** କନେକ୍ଟର କେବୁଲ ରହିଛି, ଯାହା ଉପକରଣଟିକୁ କମ୍ପ୍ୟୁଟର ସହ ସଂଯୁକ୍ତ କରିଥାଏ । ଉପକରଣଟି ସେହି ଏକା **USB** କନେକ୍ଟର ମାଧ୍ୟମରେ କମ୍ପ୍ୟୁଟରରୁ ପାୱାର ସପ୍ଲାଇ ପାଇଥାଏ ।

ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଦ୍ରୁତ ଏବଂ ସଠିକ୍ କାମ କରେ । ବ୍ୟବହାରକାରୀଙ୍କର ବିନା ହସ୍ତକ୍ଷେପରେ ଏହା ଫୋଟୋ ଉତ୍ତୋଳନ କରିପାରେ । କିନ୍ତୁ ଆଖିକୁ ଅସ୍ପଷ୍ଟ କରୁଥିବା ବସ୍ତୁଗୁଡ଼ିକ ଦ୍ୱାରା ଏହାର ସଠିକତା ପ୍ରଭାବିତ ହୁଏ । ଏହା ମୋତିଆବିନ୍ଦୁ ଥିବା ବ୍ୟକ୍ତିମାନଙ୍କ ପାଇଁ ଉପଯୁକ୍ତ ହୋଇନପାରେ ।





**ଚିତ୍ର 21: ଡୋଳାର ଛବି ଗ୍ରହଣ ଏବଂ ଉତ୍ତୋଳନ ପରବର୍ତ୍ତୀ ଛବି**

## ଡୋଳାର ପ୍ରତିଛବି ଉତ୍ତୋଳନ ପାଇଁ ଥିବା ପଦାଙ୍କଗୁଡ଼ିକ

ଆଇରିସ୍ କ୍ୟାପଚରିଂ ଡିଭାଇସ୍ ବ୍ୟବହାର କରି ଡୋଳାର ବାୟୋମେଟ୍ରିକ୍ ଉତ୍ତୋଳନ କରିବା ପାଇଁ ନିମ୍ନଲିଖିତ ପଦାଙ୍କ ଅନୁସରଣ କରିବାକୁ ହେବ:

1. **ଏନରୋଲିଙ୍କ ଆଖିର ବିଦ୍ୟମାନତା ଯାଞ୍ଚ: ଯଦି ଗୋଟିଏ କିମ୍ବା ଦୁଇଟି ଆଖି ନଥିବା ଯୋଗୁଁ କିମ୍ବା ଗୋଟିଏ କିମ୍ବା ଦୁଇଟି ଆଖିରେ ପଟି ବନ୍ଧାଯାଇଥିବା ଯୋଗୁଁ / ଅନ୍ୟ କୌଣସି ବିକୃତି କିମ୍ବା ରୋଗ କାରଣରୁ ଡୋଳାର ଛବି ଉତ୍ତୋଳନ ସମ୍ଭବ ହୋଇପାରେ ନାହିଁ, ସେହି ସୂଚନା ଆଧାର ନାମାଙ୍କନ କ୍ଲାଏଣ୍ଟ ଆପ୍ଲିକେସନ୍ ସଫ୍ଟୱେରରେ ରେକର୍ଡ କରିବାକୁ ପଡ଼ିବ ।**

2. **ଏନରୋଲିଙ୍କ ଅବସ୍ଥିତିର ଯାଞ୍ଚ:** ଏନରୋଲିଙ୍କୁ ସ୍ଥିରଭାବେ ବସିବା ପାଇଁ ଅନୁରୋଧ କରନ୍ତୁ । ପୋଟ୍ରେଟ୍ ବା ପ୍ରତିକୃତି ଫୋଟୋଗ୍ରାଫ୍ ନିଆଗଲା ଭଳି ଅଙ୍ଗଭଙ୍ଗୀ ହେବା ଉଚିତ ।

3. ଆଇରିସ୍ କ୍ୟାପଚରିଂ ଡିଭାଇସ୍ ର **ଲକ୍ଷ୍ୟସାଧନ:**ଏନରୋଲିଙ୍କ ଆଡ଼କୁ ଆଇରିସ୍ କ୍ୟାପଚରିଂ ଡିଭାଇସ୍ ର ଲକ୍ଷ୍ୟସାଧନ କରନ୍ତୁ ବା ବୁଲାଇ ରଖନ୍ତୁ। ଉପକରଣ ଦୃଢ଼ଭାବରେ ଧରାଯିବା ଉଚିତ । ଯଦି ଏନରୋଲିଙ୍କୁ ଉପକରଣ ଧରିବା ପାଇଁ ଦରକାର ପଡ଼େ, ତେବେ ଅପରେଟର ତାଙ୍କୁ ଏହାକୁ ଦୃଢ଼ଭାବେ ଧରିବାରେ ସାହାଯ୍ୟ କରିବା ଉଚିତ ।

4. **କୋଠରୀରେ ଆଲୋକ ବ୍ୟବସ୍ଥାର ଯାଞ୍ଚ କରିବା:**କୋଠରୀରେ ଥିବା ଆଲୋକ ବ୍ୟବସ୍ଥା ପାଇଁ ଆଇରିସ୍ କ୍ୟାପଚର୍ ପ୍ରକ୍ରିୟା ସମ୍ବେଦନଶୀଳ । ଧ୍ୟାନ ଦିଅନ୍ତୁ, ଏନରୋଲିଙ୍କ ଆଖିରୁ କୌଣସି ପ୍ରତ୍ୟକ୍ଷ କିମ୍ବା କୃତ୍ରିମ ଆଲୋକ ପ୍ରତିଫଳିତ ଯେପରି ନହୁଏ । ଚେହେରାର ପ୍ରତିଛବି ନେବା ସମୟରେ ବ୍ୟବହାର ହେଉଥିବା ଲାଇଟ୍, ଡୋଳାର ଛବି ଗ୍ରହଣ ସମୟରେ ବନ୍ଦ କରାଯିବା ଉଚିତ ।

5. **ପ୍ରତିଛବିର ଗୁଣବତ୍ତା ଯାଞ୍ଚ: ଆଖି ଡୋଳାର ଛବି ଗ୍ରହଣ ପରେ, ଆଧାର ନାମାଙ୍କନ କ୍ଲାଏଣ୍ଟ ଆପ୍ଲିକେସନ୍ ସଫ୍ଟୱେର ଡୋଳାର ପ୍ରତିଛବିର ଗୁଣବତ୍ତା ମାପିବାରେ ସକ୍ଷମ । ଛବି ଗ୍ରହଣ ସମୟରେ ଅପରେଟରଙ୍କୁ ପ୍ରତିକ୍ରିୟା ଜଣାଇବା ପାଇଁ ପ୍ରାଥମିକ ଛବିର ଏକ ଗୁଣବତ୍ତା ଆକଳନ କରାଯାଏ । ଯଦି ଉଠାଯାଇଥିବା ଫୋଟୋ ନିମ୍ନମାନର ହୋଇଥାଏ, ଉପକରଣ ଅପରେଟରକୁ ଏ ସମ୍ପର୍କରେ ସଜାଗ କରିଦିଏ । ଯଦି ଉଠାଯାଇଥିବା ଫୋଟୋ ନିମ୍ନମାନର ହୋଇଥାଏ, ତେବେ ଏକ ଉନ୍ନତ ମାନର ଫୋଟୋ ଉଠାଇବା ପାଇଁ ଚେଷ୍ଟା କରନ୍ତୁ ।**

**ଦୃଶ୍ୟପଟ 6: ଡୋଳାର ଛବି ଉତ୍ତୋଳନ**



## ଡୋଳା ସ୍କାନିଂ ପାଇଁ ନିର୍ଦ୍ଦେଶାବଳୀ

1. ଯଦି ଏନରୋଲି ଟେରା ହୋଇଥାନ୍ତି ଏବଂ ଏକ ସମୟରେ ଦୁଇ ଆଖିର ଫୋଟୋ ଉଠାଇବା ସମ୍ଭବ ନୁହେଁ, ଅପରେଟର ପୁଣିଥରେ ଫଟୋ ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି ।
2. ଯଦି ଏନରୋଲି ଆଇରିସ୍ ସ୍କାନ୍ ପାଇଁ ଭଲ ଭାବରେ ଆଖି ଖୋଲିବା ପାଇଁ ଅସମର୍ଥ ହେଉଥାନ୍ତି, ତା'ହେଲେ ଭଦ୍ରତାର ସହ ତାଙ୍କୁ ଅନୁକରଣ/ଅଭିନୟ କରି ଆଖି ଭଲରେ ଖୋଲିବା ପାଇଁ ବତାଇ ଦିଅନ୍ତୁ । ଯଦି ଏହି କୌଶଳ କାମ କରୁ ନାହିଁ, ରିକ୍ୟାପଚର୍ ବ୍ୟବହାର କରି ଏକ ଉନ୍ନତ ମାନର ଫୋଟୋ ନେବା ପାଇଁ ଆପଣ ଯାହା କରିପାରିବେ, କରନ୍ତୁ ।
3. ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଅଟୋ ଫୋକସ୍ ଏବଂ ଅଟୋ-କ୍ୟାପଚର ଫଙ୍କସନ୍ ବ୍ୟବହାର କରିଥାଏ । ତେଣୁ ଅପରେଟରଙ୍କୁ ଫୋକସିଂ କିମ୍ବା କ୍ୟାପଚରିଂ ଆଡଜଷ୍ଟମେଣ୍ଟ କରିବା ଦରକାର ପଡ଼େନାହିଁ ।

### ଟିପ୍ପଣୀ

କେତେକ କ୍ଷେତ୍ରରେ ଜଣେ ଅନ୍ଧ ବ୍ୟକ୍ତିଙ୍କ ପାଇଁ ଡୋଳାର ପାଟର୍ନ କ୍ୟାପଚର କରିବା ସମ୍ଭବ ହୋଇଥାଏ । ଡୋଳାର ପାଟର୍ନକୁ ଭିତ୍ତି କରି ଆଇରିସ୍ କ୍ୟାପଚରିଂ ଡିଭାଇସ୍ ରେ ବ୍ୟବହୃତ ଡୋଳା ଚିହ୍ନଟ ବୈଷୟିକ କୌଶଳ ସମସ୍ତ ବିବରଣୀ ସଂଗ୍ରହ କରେ । ଯେପର୍ଯ୍ୟନ୍ତ ଦୃଷ୍ଟିଶକ୍ତି ନଥିବା ଏକ ଆଖିରେ ଡୋଳାର ପାଟର୍ନ ଦେଖାଯାଉଥାଏ, ଏହାର ବିବରଣୀ ଉତ୍ତୋଳନ କରାଯାଇପାରେ ।

**ଅନୁଶୀଳନୀ 10: ଆପଣ କ'ଣ ବୁଝିଲେ ଯାଞ୍ଚ କରିନିଅନ୍ତୁ ।**


ପୂର୍ବରୁ ଲେଖାଯାଇଥିବା ତଥ୍ୟ ସବୁ ପଢ଼ିବା ପରେ,

- ଡୋଳାର ପ୍ରତିଛବି ଉତ୍ତୋଳନ ପାଇଁ କି କି ପ୍ରକାର ଉପକରଣ ବ୍ୟବହାର କରାଯାଏ?
- ଡୋଳର ସ୍ପଷ୍ଟ ଛବି ଗ୍ରହଣରେ ବାଧା ସୃଷ୍ଟି କରୁଥିବା କାରଣଗୁଡ଼ିକ କ'ଣ ହୋଇପାରେ?
- ଆଖିଡୋଳାର ସର୍ବୋତ୍ତମ ପ୍ରତିଛବି ପାଇବାକୁ ହେଲେ ଆପଣ କ'ଣ ସବୁ ଉପାୟ ଅନୁସରଣ କରିବେ?
- ଆପଣ ନିମ୍ନଲିଖିତ ସମସ୍ୟାଗୁଡ଼ିକର କିପରି ସମାଧାନ କରିବେ:
  - ବାସିନ୍ଦାଙ୍କର ଆଖିରେ (ଦୁଇ ଆଖିରେ) ଶାରୀରିକ ବିକୃତି ଥିଲେ
  - ଆଇରିସ୍ ସ୍କାନର ସମ୍ମୁଖୀନ ହେବା ପାଇଁ ବାସିନ୍ଦା ଅସମର୍ଥ ହୋଇଥିଲେ
- ଉତ୍ତୋଳନ କରାଯାଇଥିବା ଛବି ଉନ୍ନତ ମାନର କି ନୁହେଁ କିପରି ଜାଣିବେ?

## ଡାଟା କ୍ୱାଲିଟୀ (ଡାଟାର ଗୁଣବତ୍ତା)

ଯଦି କ୍ୟାପ୍ଚର୍ କରାଯାଇଥିବା ଡାଟାର ଗୁଣବତ୍ତା ସିଷ୍ଟମ୍ ରେ ନିର୍ଦ୍ଦିଷ୍ଟ କରାଯାଇଥିବା ଥ୍ରେସହୋଲ୍ଡ୍ ବା ସୀମା ସହିତ ଖାପ ଖାଏ, ତେବେ ଏହାକୁ ଗ୍ରହଣ କରେ ଓ ଡାଟାକୁ ସେଭ୍ କରେ ।
ଆଇରିସ୍ କ୍ୟାପ୍ଚର୍ ଯଦି ସଠିକ ଥାଏ, ତେବେ **Score** ବାର୍ ସବୁଜ ବା **green**ହୁଏ । ନାଲି ବା **Red** ରଙ୍ଗ କ୍ୟାପ୍ଚର୍ ବିଫଳ ହୋଇଥିବାର ସୂଚାଏ ।

**Actionable feedback** ଆଇକନ୍ କ୍ଲିକ୍ କରିବା ପରେ, **Quality Details** ପପ୍ ଅପ୍ ୱିଣ୍ଡୋ ଦୃଶ୍ୟମାନ ହୋଇଥାଏ, ଯାହା ଉପରେ ପ୍ରତ୍ୟେକ ଆଟ୍ରିବ୍ୟୁଟ୍ ର ସ୍କୋର୍, କ୍ୱାଲିଟି ଆଟ୍ରିବ୍ୟୁଟ୍, କମ୍ପ୍ଲିଆନ୍ସ୍ ଓ କମେଣ୍ଟ୍ସ୍ ରିପୋର୍ଟ୍ ଗୁଡିକ ଦୃଶ୍ୟମାନ ହୁଏ ।





ଚିତ୍ର୩: ଆଇରିସ୍

ସଫ୍ଟୱେର୍ ଦ୍ୱାରା ଦିଆଯାଇଥିବା କିଛି ଆକ୍ସନେବଲ୍ ଫିଡ୍ ବ୍ୟାକ୍ ଗୁଡିକ ହେଉଛି:

- ବାଧା (ଆଇରିସ୍ ର ମହତ୍ତ୍ୱପୂର୍ଣ୍ଣ ଭାଗ ଦେଖାଯାଉନାହିଁ)
- ଆଇରିସ୍ କେନ୍ଦ୍ରିତ ହୋଇନାହିଁ
- ଅଠିକ୍ ଚାହାଣୀ (ବାସିନ୍ଦା ଅନ୍ୟ ଆଡ଼କୁ ଦେଖୁଛନ୍ତି)
- ବିସ୍ଫାରିତ ନେତ୍ର


# ବ୍ୟତିକ୍ରମ ନିର୍ଦ୍ଦିଷ୍ଟ କରିବା

କୌଣସି ବାୟୋମେଟ୍ରିକ୍ ବ୍ୟତିକ୍ରମ ନିର୍ଦ୍ଦିଷ୍ଟ କରିବାକୁ **Demographics** ସ୍କ୍ରିନ୍ ରେ ଥିବା **Biometric Exceptions** ବଟନ୍ ରେ କ୍ଲିକ୍ କରନ୍ତୁ।




**ଚିତ୍ର1: ବାୟୋମେଟ୍ରିକ୍ ବ୍ୟତିକ୍ରମ ସୂଚନା କ୍ୟପ୍ଚର୍**

ନିମ୍ନ ପପ୍-ଅପ୍ ୱିଣ୍ଡୋ ଖୋଲିବ ।




**ଚିତ୍ର2: ବାୟୋମେଟ୍ରିକ୍ ବ୍ୟତିକ୍ରମ କ୍ୟାପଚର୍ – ବ୍ୟତିକ୍ରମ ଚିହ୍ନଟ କରିବା ପରେ**

- ଚିତ୍ରର ନିର୍ଦ୍ଦିଷ୍ଟ ଅଂଶରେ କ୍ଲିକ୍ କରି ବାସିନ୍ଦାଙ୍କ ବାୟୋମେଟ୍ରିକ୍ ଏକ୍ସେପ୍ସନ୍ ନିର୍ଦ୍ଦିଷ୍ଟ କରନ୍ତୁ ଓ ତା'ପରେ **OK**ରେ କ୍ଲିକ୍ କରନ୍ତୁ ।

# ବ୍ୟତିକ୍ରମ ପରିଚାଳନା

ବ୍ୟତିକ୍ରମଗୁଡ଼ିକୁ ବହୁତ ଯତ୍ନର ସହକାରେ ସମ୍ଭାଳିବା ଦରକାର । ସମଗ୍ର ପ୍ରକ୍ରିୟାରେ ସେମାନଙ୍କୁ ସହଜ ଅନୁଭବ କରାଇବା ପାଇଁ ବିଶେଷ ଯତ୍ନ ନିଆଯିବା ଉଚିତ । ବ୍ୟତିକ୍ରମ ସମ୍ଭାଳିବାର କିଛି ମାର୍ଗ ତଳେ ଦିଆଗଲା ।

**ବ୍ୟତିକ୍ରମ ବିଷୟରେ ସତ୍ୟତା**

ଗ୍ରାମୀଣ ଭାରତରେ, ଶାରୀରିକ ଶ୍ରମ କାରଣରୁ ଅନେକ ଲୋକମାନଙ୍କର ଆଙ୍ଗୁଠି ଚିହ୍ନ ଫାଟିଯାଇଥାଏ ।

***ଅପରେଟର୍ ଙ୍କ ଦ୍ୱାରା କ୍ୟାପଚର୍ କ୍ୱାଲିଟୀ ଯତ୍ନସହକାରେ ତଦାରଖ କରାଯିବା ହେଉଛି ମୁଖ୍ୟ ବିଷୟ ।***

ନିମ୍ନଲିଖିତ କାରଣଗୁଡ଼ିକରୁ ବ୍ୟତିକ୍ରମ ଘଟିଥାଏ:

- ଆଘାତ
- ଆଙ୍ଗୁଠି ଖଣ୍ଡିଆ
- ହାତ ଖଣ୍ଡିଆ
- ଆଖିଗୁଡ଼ିକରେ ସମସ୍ୟା

# ନାମାଙ୍କନ କ୍ଲାଏଣ୍ଟରେ ବାୟୋମେଟ୍ରିକ୍ ବ୍ୟତିକ୍ରମ କ୍ୟାପଚର୍ କରିବା

1. ପ୍ରଥମେ, ଫିଟନେସ୍ ପାଇଁ ବାସିନ୍ଦାଙ୍କର ଆଙ୍ଗୁଠି ଓ ଆଖି ଯାଞ୍ଚ କରନ୍ତୁ
2. ବାୟୋମେଟ୍ରିକ୍ କ୍ୟାପଚର୍ ବଟନ୍ କ୍ଲିକ୍ କରି ବାୟୋମେଟ୍ରିକ୍ ବ୍ୟତିକ୍ରମ ନିର୍ଦ୍ଦିଷ୍ଟ କରନ୍ତୁ
2. ଛବିର ନିର୍ଦ୍ଦିଷ୍ଟ ଅଂଶରେ କ୍ଲିକ୍ କରନ୍ତୁ
3. ଗୋଟିଏ ଅଂଶର ଅନୁପଲବ୍ଧତା ସୂଚାଇବାକୁ, ଛବିର ଯେକୌଣସି ଭାଗରେ ଥରେ କ୍ଲିକ୍ କରନ୍ତୁ
4. ଫୋଟୋଗ୍ରାଫ୍ ସ୍କ୍ରୀନ୍ ରେ ଫୋଟୋଗ୍ରାଫ୍ ଭାବରେ ବ୍ୟତିକ୍ରମ କ୍ୟାପଚର୍ କରନ୍ତୁ
5. ବାୟୋମେଟ୍ରିକ୍ ବ୍ୟତିକ୍ରମ ପାଇଁ ସୁପରଭାଇଜର୍ ଙ୍କ ଭେରିଫିକେଶନ୍ ପ୍ରାପ୍ତ କରନ୍ତୁ

- ବାୟୋମେଟ୍ରିକ୍ ବ୍ୟତିକ୍ରମ କ୍ୟାପଚର୍ ବଟନ୍ କ୍ଲିକ୍ କରି, ଗୋଟିଏ ଥରକରେ ସମସ୍ତ ବ୍ୟତିକ୍ରମ କ୍ୟାପଚର୍ କରାଯିବ
- ଯଦି ବାସିନ୍ଦାଙ୍କର ଅତିରିକ୍ତ ଆଙ୍ଗୁଠି ଥାଏ, ତେବେ ଅପରେଟର୍ ସେହି ଅତିରିକ୍ତ ଆଙ୍ଗୁଠିକୁ ଅଣଦେଖା କରିବେ
- ବାୟୋମେଟ୍ରିକ୍ ବ୍ୟତିକ୍ରମ ଭାବେ ସେହି ଅତିରିକ୍ତ ଆଙ୍ଗୁଠିକୁ ନିଆଯିବ ନାହିଁ
- ଏହିପରି ମାମଲାରେ, ଅତିରିକ୍ତ ଆଙ୍ଗୁଠି/ଗୁଡ଼ିକର କ୍ୟାପଚର୍ କୁ ଏଡ଼ାଇବା ପାଇଁ ଅପରେଟର୍ ବାସିନ୍ଦାଙ୍କ ସହାୟତା କରିବେ

ବ୍ୟତିକ୍ରମର ଫୋଟୋଗ୍ରାଫ୍ କ୍ୟାପଚର୍ କରିବାବେଳେ:

- ପାପୁଲି କ୍ୟାମେରା ଆଡ଼କୁ ଥିବ
- ମୁହଁ ଓ ଉଭୟ ହାତ ଫ୍ରେମ୍ ମଧ୍ୟରେ ରହିବା ଉଚିତ

**ମାମଲା**

୬୫ ବର୍ଷୀୟ ମନମୀତ ହେଉଛନ୍ତି ଜଣେ ଶିଖ ବାସିନ୍ଦା, ଯିଏ ନାମାଙ୍କନ ଷ୍ଟେସନ୍ କୁ ଆସିଛନ୍ତି। ସେ ଏକ ପଗଡ଼ି ପିନ୍ଧିଛନ୍ତି। ପଗଡ଼ି କାରଣରୁ ଆପଣ ତାଙ୍କ ମୁହଁର ଛବି କ୍ୟାପଚର୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ସମୟରୁ ଧାଡ଼ିରେ ଠିଆ ହୋଇଥିବା କାରଣରୁ ସେ ବହୁତ ବିରକ୍ତ ଜଣାପଡୁଛନ୍ତି।

ଆପଣ ତାଙ୍କୁ କିପରି ସମ୍ଭାଳିବେ?

**ମୁହଁର ଛବି କ୍ୟାପଚର୍ କରିବାରେ କେଉଁ ସମସ୍ୟା ଘଟିଥାଏ?**

- ନିମ୍ନମାନର ଆଲୋକ
- ପଗଡ଼ି କିମ୍ବା ମୁଣ୍ଡ ସ୍କାର୍ଫ କାରଣରୁ ଛବି କ୍ରପ୍ କରିବାରେ ଅସମର୍ଥତା
- ବାସିନ୍ଦା, ମୁହଁ କିମ୍ବା ଶରୀରକୁ ସ୍ଥିର ଓ ସିଧା ରଖିବାରେ ଅସମର୍ଥ

ନିମ୍ନମାନର ଆଲୋକ ଅବସ୍ଥା

- ଫ୍ଲାଶ୍ ବ୍ୟବହାର କରନ୍ତୁ ନାହିଁ
- ଚାରିପାଖରେ ଆଲୋକ ଉନ୍ନତ କରିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ସମ୍ପର୍କ କରନ୍ତୁ
- ଲୋ ଭୋଲ୍ଟେଜ୍ କାରଣରୁ ଅପର୍ଯ୍ୟାପ୍ତ ଆଲୋକ ମାମଲାରେ, ଆଲୋକ ଉନ୍ନତ କରିବା ପାଇଁ ଜେନେରେଟର୍ ବ୍ୟାକଅପ୍ ବ୍ୟବହାର କରନ୍ତୁ
- ଉତ୍ତମ ଆଲୋକ ଥିବା ରୁମ୍ କୁ ଯିବାପାଇଁ ବିଚାର କରନ୍ତୁ
- ଅପାରଦର୍ଶୀ କାନ୍ଥ କିମ୍ବା ପାର୍ଟିଶନ୍ ସହିତ ବ୍ୟାକ୍-ଡ୍ରପ୍ ରଖାଯିବା ଉଚିତ

ପଗଡ଼ି/ମୁଣ୍ଡ ସ୍କାର୍ଫ କାରଣରୁ ଛବି କ୍ରପ୍ କରିବାରେ ଅସମର୍ଥତା

- ଧର୍ମ କାରଣରୁ ଯଦି ଉପକରଣମାନ ପିନ୍ଧା ଯାଇଥିବ, ମାନୁଆଲ୍ କ୍ୟାପଚର୍ ଅପ୍ସନ୍ ଚୟନ କରନ୍ତୁ
- ମୁଣ୍ଡପିନ୍ଧାକୁ କାଢ଼ିବା ପାଇଁ ଅପରେଟର୍ ବିନମ୍ରତାପୂର୍ବକ ଅନୁରୋଧ କରିପାରନ୍ତି
- ମହିଳା ନାମାଙ୍କନକାରୀଙ୍କ ମାମଲାରେ, ଜଣେ ମହିଳା ଅପରେଟର୍ ଏହି ପ୍ରକ୍ରିୟାକୁ ସମ୍ଭାଳିବା ଉଚିତ

ମୁଣ୍ଡ/କାନ୍ଧକୁ ସ୍ଥିର ଓ ସିଧା ରଖିବାରେ ଅସମର୍ଥ

- ଆବଶ୍ୟକସ୍ଥଳେ ନାମାଙ୍କନକାରୀଙ୍କୁ ସହାୟତା କରନ୍ତୁ
- ମହିଳା ନାମାଙ୍କନକାରୀଙ୍କ କ୍ଷେତ୍ରରେ, ଜଣେ ମହିଳା ଅପରେଟର୍ କିମ୍ବା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସହାୟତା ପ୍ରଦାନ କରାଯିବ ଉଚିତ

| ମାମଲା |
|---|
| ଉତ୍ତର ପ୍ରଦେଶରେ ଥିବା ଗୋଟିଏ ଗ୍ରାମର ବାସିନ୍ଦା ହେଉଛନ୍ତି ୪୨ ବର୍ଷୀୟା ଗୀତା ଦେବୀ । ସେ ହେଉଛନ୍ତି ଜଣେ ଦିନ ମଜୁରିଆ । ସେ ନାମାଙ୍କନ ଷ୍ଟେସନ୍ କୁ ଆସିଛନ୍ତି । ବାୟୋମେଟ୍ରିକ୍ ଡାଟା ସଂଗ୍ରହ ସମୟରେ ଅପରେଟର୍, ଆଙ୍ଗୁଠି ଚିହ୍ନଗୁଡ଼ିକର କ୍ୱାଲିଟୀ ଏତେ ପରିମାଣର ଭଲ ନଥିବାର ଲକ୍ଷ୍ୟ କଲେ । ସେ, ବାରମ୍ବାର ଆଙ୍ଗୁଠି ଚିହ୍ନ ନେବାକୁ ଚେଷ୍ଟାକରି ବିଫଳ ହେଲେ । ତାହାପରେ ସେ ଗୋଟିଏ ଫଳକ ସାହାଯ୍ୟରେ ଗୀତା ଦେବୀଙ୍କ ଆଙ୍ଗୁଠିଗୁଡ଼ିକୁ ସମତଳ କରିବାକୁ ଚେଷ୍ଟା କଲେ । ଏଥିରେ ଗୀତା ଦେବୀ ଭୀଷଣ ରାଗିଯାଇ, ଅପରେଟର୍ ଙ୍କ ଉପରେ ପାଟି କରିବାକୁ ଲାଗିଲେ ।<br><br>୧. କେଉଁଠି ଭୁଲ୍ ରହିଲା ବୋଲି ଆପଣ ଭାବୁଛନ୍ତି?<br><br>୨. ପରିସ୍ଥିତିକୁ ଆହୁରି ଉତ୍ତମ ଭାବେ ସମ୍ଭାଳାଯାଇ ପାରିଥା'ନ୍ତା କି? |

ଆଙ୍ଗୁଠି ଚିହ୍ନ କ୍ୟାପଚର୍ କରିବା ସମୟରେ କେଉଁ ପ୍ରକାରର ସମସ୍ୟା ଘଟିପାରେ?

- ଭଙ୍ଗା / ନଥିବା ଆଙ୍ଗୁଠି
- କ୍ୟାପଚର୍ କରାଯାଇଥିବା ଫିଙ୍ଗର୍ ପ୍ରିଣ୍ଟ୍ ସଠିକ୍ କ୍ୱାଲିଟୀର ନୁହେଁ
- ଆଙ୍ଗୁଠିଗୁଡ଼ିକୁ ସମତଳ କରିବାରେ ଅସାମର୍ଥ୍ୟତା
- ଫାଟିଯାଇଥିବା ଧାର
- ମେହେନ୍ଦି କିମ୍ବା କୌଣସି ଅନ୍ୟ ଉପାଦାନରେ ହାତ କଳା ପଡ଼ିଯାଥିବା

ଭଙ୍ଗା/ନଥିବା ଅଙ୍ଗୁଠି

- ନାମାଙ୍କନ କ୍ଲାଏଣ୍ଟ୍ ରେ ବାୟୋମେଟ୍ରିକ୍ ବ୍ୟତିକ୍ରମ କ୍ୟାପଚର୍ କରିବା

- ଯଦି ବାସିନ୍ଦାଙ୍କର ଅତିରିକ୍ତ ଆଙ୍ଗୁଠି/ମାନ ଥାଏ
  - ଅପରେଟର୍ ଅତିରିକ୍ତ ଆଙ୍ଗୁଠିକୁ ଅଣଦେଖା କରିବେ
  - ଅତିରିକ୍ତ ଆଙ୍ଗୁଠି, ବାୟୋମେଟ୍ରିକ୍ ବ୍ୟତିକ୍ରମ ଭାବରେ କ୍ୟାପଚର୍ କରାଯିବ ନାହିଁ
  - ଅତିରିକ୍ତ ଆଙ୍ଗୁଠି/ଗୁଡ଼ିକର କ୍ୟାପଚର୍ କୁ ଏଡ଼ାଇବା ପାଇଁ, ଫିଙ୍ଗର୍ ପ୍ରିଣ୍ଟ କ୍ୟାପଚର୍ ସମୟରେ ଅପରେଟର୍ ବାସିନ୍ଦାଙ୍କ ସହାୟତା କରିବା ଦରକାର

କ୍ୟାପଚର୍ କରାଯାଇଥିବା ଫିଙ୍ଗର୍ ପ୍ରିଣ୍ଟ୍ ର କ୍ୱାଲିଟୀ ଭଲ ନୁହେଁ

- ବାରମ୍ବାର ଚେଷ୍ଟା ସତ୍ତ୍ୱ ଯଦି ଷ୍ଟାଣ୍ଡାର୍ଡ ଛବି ପ୍ରାପ୍ତ କରାନଯାଇପାରୁଥିବ, ତେବେ ବିନମ୍ର ଭାବରେ ନାମାଙ୍କନକାରୀଙ୍କୁ ହାତ ଧୋଇବାକୁ କୁହନ୍ତୁ
- କେନ୍ଦ୍ରରେ ଉପଲବ୍ଧ ଥିବା ଏକ ଓଦା ସ୍ୱଞ୍ଜ କିମ୍ବା ଟାୱେଲ୍ ପ୍ରଦାନ କରନ୍ତୁ
- ପ୍ଲାଟେନ୍ ଉପରେ ଚାପ ଦେବାପାଇଁ ନାମାଙ୍କନକାରୀଙ୍କୁ ଅନୁରୋଧ କରନ୍ତୁ
- ପ୍ରଥମେ, ଚାପ ପ୍ରୟୋଗ ପାଇଁ ନାମାଙ୍କନକାରୀଙ୍କ ଉପରେ ନିର୍ଭର କରନ୍ତୁ
- ଯଦି ସଫଳ ନହୁଅନ୍ତି, ତେବେ ଛବି କ୍ୟାପଚର୍ କରିବା ପାଇଁ ଚାପଦେବାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କର ଅନୁମତି ନିଅନ୍ତୁ
- ମହିଳା ବାସିନ୍ଦାମାନଙ୍କୁ, ମହିଳା ଅପରେଟର୍/ସ୍ୱେଚ୍ଛାସେବୀ ହିଁ ସହାୟତା ଦେବେ, ତାହା ସୁନିଶ୍ଚିତ କରନ୍ତୁ
- ବାସିନ୍ଦାଙ୍କର ବାୟୋମେଟ୍ରିକ୍ କ୍ୟାପଚର୍ କରିବା ପାଇଁ ଉଚିତ ସଂଖ୍ୟକ ଚେଷ୍ଟା କରନ୍ତୁ
- କେତେ ସଂଖ୍ୟକ ଚେଷ୍ଟା କରାଯିବା କଥା, ତାହା ସଫ୍ଟୱେର୍ ରେ ତିଆରି ହୋଇଛି

ଆଙ୍ଗୁଠି ସମତଳ କରିବାରେ ଅସମର୍ଥ

- ନାମାଙ୍କନକାରୀଙ୍କ ଅନୁମତି ନିଅନ୍ତୁ । ତାହାପରେ ଫିଙ୍ଗର୍ ପ୍ରିଣ୍ଟ୍ ନେବାରେ ତାଙ୍କ ସହାୟତା କରନ୍ତୁ ।
- ଯଦି ଏହା ସଫଳ ହୁଏନାହିଁ, ତେବେ ଅପରେଟର୍, ନାମାଙ୍କନକାରୀଙ୍କ ଆଙ୍ଗୁଠି ଚିହ୍ନ ସେହି ସୀମା ପର୍ଯ୍ୟନ୍ତ ନେବାପାଇଁ ଚେଷ୍ଟା କରିବା ଦରକାର, ଯେପର୍ଯ୍ୟନ୍ତ ନାମାଙ୍କନକାରୀ ନିଜ ଆଙ୍ଗୁଠିଗୁଡ଼ିକୁ ପ୍ଲାଟେନ୍ ଉପରେ ସମତଳ କରି ରଖିବାରେ ସକ୍ଷମ ହୋଇପାରିବେ ।
- ତାହାପରେ ନାମାଙ୍କନକାରୀ, ଅନ୍ୟ ହାତ କିମ୍ବା ଦୁଇଟି ବୁଢା ଆଙ୍ଗୁଠି ଫିଙ୍ଗର୍ ପ୍ରିଣ୍ଟ୍ ର ପରବର୍ତ୍ତୀ ସେଟ୍ କୁ ଯାଇପାରିବେ ।

ଫାଟିଥିବା ଧାର କିମ୍ବା ମେହେନ୍ଦି କିମ୍ବା ଅନ୍ୟ ଉପଦାନ ଦ୍ୱାରା ହାତ କଳା ପଡ଼ିଥିବା

- ଏକ ମାନୁଆଲ୍ କ୍ୟାପଚର୍ ପାଇଁ ଚେଷ୍ଟା କରନ୍ତୁ
- ଯେଉଁ ଆଙ୍ଗୁଠିଗୁଡ଼ିକ ଫାଟିନଥିବ କିମ୍ବା କଳା ପଡ଼ିନଥିବ, ସେହିଗୁଡ଼ିକର ଫିଙ୍ଗର୍ ପ୍ରିଣ୍ଟ୍ ନେବା ପ୍ରକ୍ରିୟାରୁ ଆରମ୍ଭ କରନ୍ତୁ ।
- ଯଦି ନାମାଙ୍କନକାରୀଙ୍କ ହାତରେ ମେହେନ୍ଦି ଲାଗିଥିବ, ତେବେ ତାଙ୍କୁ, ଫିଙ୍ଗର୍ ପ୍ରିଣ୍ଟ୍ କ୍ୟାପଚର୍ ପୂର୍ବରୁ ହାତ ଧୋଇବାକୁ ଅନୁରୋଧ କରନ୍ତୁ

ମହିଳା ବାସିନ୍ଦାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ

- କ୍ୟାପଚର୍ ହେବାକୁ ଥିବା ଆଙ୍ଗୁଠି ଚିହ୍ନ ପାଇଁ ଯଦି ମହିଳା ଜଣକ ପର୍ଯ୍ୟାପ୍ତ ଚାପ ଦେବାରେ ଅସମର୍ଥ ହୁଅନ୍ତି, ତେବେ ଆପଣ:
  - ମହିଳା ସ୍ୱେଚ୍ଛାସେବୀଙ୍କ ସହାୟତା ନିଅନ୍ତୁ
  - ମହିଳାଙ୍କ ହାତରେ (ନାମାଙ୍କନ କେନ୍ଦ୍ରରେ ଉପଲବ୍ଧ ଥିବା) ଫୋମ୍ ଖଣ୍ଡ ରଖନ୍ତୁ ଓ ତାହାପରେ ଚାପ ପ୍ରୟୋଗ କରନ୍ତୁ

ଟେରା / ଅବ୍ୟବସ୍ଥିତ ଆଖି

- ଏକାସାଙ୍ଗରେ ଯଦି ଦୁଇଟିଯାକ ଆଖିର କ୍ୟାପଚର୍ ସମ୍ଭବ ନୁହେଁ, ତେବେ ଗୋଟିଏ ଆଖି ଆଇରିସ୍ ସ୍କାନ୍ ବ୍ୟବହାର କରାଯାଇପାରେ

- ଯଦି ଗୋଟିଏ ଆଖି ଆଇରିସ୍ ଡିଭାଇସ୍ ଉପଲବ୍ଧ ନଥିବ, ତେବେ ଅପରେଟର୍, ଦୁଇଟି ଆଖି କ୍ୟାପଚର୍ କରିବା ଡିଭାଇସ୍ କୁ, ଆଇରିସ୍ ଗୁଡ଼ିକ ମଧ୍ୟରୁ ଗୋଟିଏ କ୍ୟାପଚର୍ କରିବା ପାଇଁ ବ୍ୟବହାର କରିପାରିବେ ।

ସଠିକ୍ ଭାବେ ଆଖି ଖୋଲିବାରେ ଅସମର୍ଥତା

- ନାମାଙ୍କନକାରୀଙ୍କୁ ଆଖି ବିସ୍ତାରିତ କରି ଖୋଲିବାରେ ମାର୍ଗଦର୍ଶନ କରନ୍ତୁ
- ନାମାଙ୍କନକାରୀଙ୍କୁ, ନିଜର ହାତ ସାହାଯ୍ୟରେ ଆଖି ଖୋଲିବାରେ ସହାୟତା କରନ୍ତୁ
- ମହିଳା ନାମାଙ୍କନକାରୀଙ୍କ କ୍ଷେତ୍ରରେ ଜଣେ ମହିଳା ସ୍ୱେଚ୍ଛାସେବୀଙ୍କ ସାହାଯ୍ୟ ନିଅନ୍ତୁ

ସାମାନ୍ୟ ବ୍ୟତିକ୍ରମ

- ଅଧିକ ବୟସ କିମ୍ବା ଅସୁସ୍ଥତା କାରଣରୁ ନାମାଙ୍କନକାରୀ ନିଜକୁ ସଠିକ୍ ଫୋଟୋଗ୍ରାଫ୍ ଭଙ୍ଗୀରେ ରଖିପାରୁନଥିବେ
- ଏହିପରି ମାମଲାରେ ଅପରେଟର୍, ନାମାଙ୍କନକାରୀଙ୍କ ପାଖକୁ ଉପକରଣ ଘୁଞ୍ଚାଇ ବାୟୋମେଟ୍ରିକ୍ ଡାଟା କ୍ୟାପଚର୍ ବ୍ୟବସ୍ଥା କରିବା ଉଚିତ ।

ବ୍ୟତିକ୍ରମ ସମ୍ଭାଳିବା ହେଉଛି

ବାସିନ୍ଦାଙ୍କ ବିଶ୍ୱାସ ଜିତିବା ବିଷୟ!

ବାସିନ୍ଦାଙ୍କର ବିଶ୍ୱାସ ଜିତିବା

- ବାସିନ୍ଦାଙ୍କ ପ୍ରତି ବିନମ୍ର ହେବା
- ଶାରୀରିକ ଅକ୍ଷମତା ପ୍ରତି ସମ୍ବେଦନଶୀଳ ହେବା
- ଆବଶ୍ୟକସ୍ଥଳେ ସହାୟତା ପ୍ରଦାନ କରିବା
- ଡାଟା କ୍ୟାପଚର୍ ରେ ବ୍ୟତିକ୍ରମ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ବାସିନ୍ଦାଙ୍କୁ ବିଶ୍ୱାସ ଦେବା
- ବାସିନ୍ଦା ଜାଣିବାକୁ ଚାହୁଁଥିବା ଯେକୌଣସି ସମ୍ପର୍କିତ ସୂଚନା ବ୍ୟାଖ୍ୟା କରିବା

## ନନ୍-ବାୟୋମେଟ୍ରିକ୍ ଉପକରଣଗୁଡ଼ିକ

ନନ୍-ବାୟୋମେଟ୍ରିକ୍ ଉପକରଣଗୁଡ଼ିକ ହେଲା କମ୍ପ୍ୟୁଟର, ପ୍ରିଣ୍ଟର, ସ୍କାନର, ଫୋଟୋକପିଅର୍, ବାରକୋଡ୍ ରିଡର୍ ଏବଂ ସିଡି, ଡିଭିଡି, ହାର୍ଡ ଡିସ୍କ ଏବଂ ପେନ୍ ଡ୍ରାଇଭ୍ ଭଳି ଗଚ୍ଛିତ ରଖିବା ଉପକରଣ । ଜନସଂଖ୍ୟା ସମ୍ପର୍କିତ ଏବଂ ବାୟୋମେଟ୍ରିକ୍ ଡାଟା ସଂଗ୍ରହ ପାଇଁ କମ୍ପ୍ୟୁଟରରେ ଆଧାର ନାମାଙ୍କନ କ୍ଲାଏଣ୍ଟ ସଫ୍ଟୱେର ଇନଷ୍ଟଲ୍ କରାଯାଏ । ଫିଙ୍ଗରପ୍ରିଣ୍ଟ ସ୍କାନର, ଆଇରିସ୍ କ୍ୟାପଚରିଂ ଡିଭାଇସ୍ ଏବଂ ଡିଜିଟାଲ୍ କ୍ୟାମେରା ଭଳି ବାୟୋମେଟ୍ରିକ୍ ଉପକରଣଗୁଡ଼ିକ **USB** ପୋର୍ଟ ସାହାଯ୍ୟରେ କମ୍ପ୍ୟୁଟର ସହ ସଂଯୁକ୍ତ ହୋଇଥାଏ । ବାୟୋମେଟ୍ରିକ୍ ଉପକରଣଗୁଡ଼ିକ ବ୍ୟବହାର କରି ସଂଗ୍ରହ କରାଯାଇଥିବା ତଥ୍ୟ କମ୍ପ୍ୟୁଟରରେ ଗଚ୍ଛିତ ରଖାଯାଏ । ଏହି ଡାଟା ପରେ ନାମାଙ୍କନ ସେଣ୍ଟରରୁ ସେଣ୍ଟ୍ରାଲ୍ ଆଇଡେଣ୍ଟିଟି ଡାଟା ରିପୋଜିଟେରୀ (ସିଆଇଡିଆର୍)କୁ ସ୍ଥାନାନ୍ତର କରାଯାଇପାରେ ।

### କମ୍ପ୍ୟୁଟର

ଦୁଇ ପ୍ରକାରର କମ୍ପ୍ୟୁଟର ରହିଛି ଯାହା ନାମାଙ୍କନ ସେଣ୍ଟରରେ ବ୍ୟବହାର ହୋଇପାରିବ । ସେଗୁଡ଼ିକ ହେଲା,

- ଡେସ୍କଟପ୍
- ଲାପଟପ୍


ଏହା ବାସିନ୍ଦାଙ୍କର ଡେମୋଗ୍ରାଫିକ୍ ବା ଜନସଂଖ୍ୟା ସମ୍ପର୍କିତ ତଥ୍ୟ ପ୍ରବିଷ୍ଟ କରିବା ପାଇଁ ବ୍ୟବହାର କରାଯାଏ । ଏହି ତଥ୍ୟ ପରେ ବାସିନ୍ଦାଙ୍କର ବାୟୋମେଟ୍ରିକ୍ ତଥ୍ୟ ସହ ଯୋଡ଼ା ଯାଏ । ସଫଳତାର ସହ ସିଆଇଡିଆର କୁ ସ୍ଥାନାନ୍ତର ନହେବା ପର୍ଯ୍ୟନ୍ତ ଡାଟା ଗଚ୍ଛିତ ରଖିବା ପାଇଁ ଅସ୍ଥାୟୀଭାବେ ଏହା ବ୍ୟବହାର କରାଯାଏ ।

#### ଡେସ୍କଟପ୍

ଏକ ସ୍ଥାୟୀ ସେଟ୍ ଅପ୍ ପାଇଁ ଡେସ୍କ ଟପ୍ କମ୍ପ୍ୟୁଟର ଉପଯୁକ୍ତ, ଯେଉଁଠି ମେସିନ୍ ବାରମ୍ବାର ବିଭିନ୍ନ ସ୍ଥାନକୁ ନେବା ଆଣିବାର ଆବଶ୍ୟକତା ନାହିଁ ।

ଏଥିରେ ଥିବା ଭିନ୍ନ ଭିନ୍ନ ୟୁନିଟ୍ ଗୁଡ଼ିକ ହେଲା,

- କ୍ୟାବିନେଟ୍ ରେ ପାୱାର ସପ୍ଲାଇ ୟୁନିଟ୍, ମଦରବୋର୍ଡ ଏବଂ ଷ୍ଟୋରେଜ୍ ଡିଭାଇସ୍ ଗୁଡ଼ିକ ଥାଏ
- ଭିଡିଓ ଡିସପ୍ଲେ ୟୁନିଟ୍ କିମ୍ବା ମନିଟର୍
- କିବୋର୍ଡ
- ମାଉସ୍





**ଚିତ୍ର 22: ଡେସ୍କଟପ୍ କମ୍ପ୍ୟୁଟର**

## ଲାପଟପ୍

ଲାପଟପ୍, ଡେସ୍କଟପ୍ ଭଳି କାମ କରେ, କିନ୍ତୁ ଏହା କମ୍ପାକ୍ଟ, ହାଲୁକା ଏବଂ ବିଭିନ୍ନ ସ୍ଥାନକୁ ନେବା ଆଣିବା ପାଇଁ ଉପଯୁକ୍ତ । ଲାପଟପ୍ ଭିତରେ ଥିବା ଏକ ରିଚାର୍ଜେବଲ୍ ବ୍ୟାଟେରୀରୁ ଏହା ପାୱାର ସପ୍ଲାଇ ପାଇଥାଏ । ତେଣୁ ଏକ ବାହ୍ୟ ବିଦ୍ୟୁତ୍ ଉତ୍ସର ଅନୁପସ୍ଥିତିରେ ମଧ୍ୟ ଲାପଟପ୍ କାମ କରିଥାଏ ।




**ଚିତ୍ର 23: ଲାପଟପ୍ କମ୍ପ୍ୟୁଟର**




ଚିତ୍ର 24: ସ୍ୱାଭାବିକ କନେକ୍ଟର୍ସ




ଚିତ୍ର 25: ଲାପଟପ୍ ଚାର୍ଜର

## ସଫ୍ଟୱେର

ଉଭୟ ହାର୍ଡୱେର ଏବଂ ସଫ୍ଟୱେରକୁ ନେଇ କମ୍ପ୍ୟୁଟର ଗଠିତ । ସାଧାରଣତଃ ନିମ୍ନଲିଖିତ ସଫ୍ଟୱେରଗୁଡ଼ିକ ଗୋଟିଏ କମ୍ପ୍ୟୁଟରରେ ଇନଷ୍ଟଲ୍ କରାଯାଇଥାଏ।

**ଅପରେଟିଂ ସିଷ୍ଟମ୍ (ଓଏସ୍)** – ଏହା ହାର୍ଡୱେର୍ ପରିଚାଳନା କରେ ଏବଂ ମେସିନର ଜଟିଳତାକୁ ବ୍ୟବହାରକାରୀଙ୍କଠାରୁ ଉହ୍ୟ ରଖେ । ବ୍ୟବହାରକାରୀ କମ୍ପ୍ୟୁଟରରେ ସିଧାସଳଖ କିମ୍ବା ଆପ୍ଲିକେସନ୍ ସଫ୍ଟୱେର **(**ଆଧାର ନାମାଙ୍କନ କ୍ଲାଏଣ୍ଟ ଭଳି**)** ବ୍ୟବହାର କରି କାମ କରେ ଯାହା ପ୍ରକାରାନ୍ତରେ ଓଏସ୍ ଦ୍ୱାରା ଯୋଗାଇଦିଆଇଥିବା ସେବାଗୁଡ଼ିକ ବ୍ୟବହାର କରିଥାଏ ।

ଉଦାହରଣ – ୱିଣ୍ଡୋଜ୍ ଏକ୍ସପି, ୱିଣ୍ଡୋଜ୍ ଭିଷ୍ଟା, ୱିଣ୍ଡୋଜ୍ 7, ୟୁନିକ୍ସ, ମାକ୍ ଓଏସ୍

**ଆଣ୍ଟିଭାଇରସ୍ – ଭାଇରସଗୁଡ଼ିକ କମ୍ପ୍ୟୁଟରର ସ୍ୱାଭାବିକ କାର୍ଯ୍ୟଶୈଳୀରେ ବାଧା ସୃଷ୍ଟି କରନ୍ତି । ସେଗୁଡ଼ିକ କମ୍ପ୍ୟୁଟରର କାମକୁ ଧୀର କରିଦିଅନ୍ତି, ଡାଟା କରପ୍ଟ କରି ଦେଇପାରନ୍ତି, କମ୍ପ୍ୟୁଟରରେ ଗଚ୍ଛିତ ହୋଇଥିବା ତଥ୍ୟ ନଷ୍ଟ କରି ଦେଇପାରନ୍ତି ଏବଂ ସଂପୂର୍ଣ୍ଣ ବ୍ୟବସ୍ଥାକୁ ଅଚଳ (ବ୍ୟବହାର ଅନୁପଯୋଗୀ) କରିଦେଇପାରନ୍ତି । ସିଷ୍ଟମ ବା କମ୍ପ୍ୟୁଟରରେ ସଂକ୍ରମଣ କରିବାରୁ 'ଭାଇରସ୍' ଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ଆଣ୍ଟି-ଭାଇରସ୍ ସଫ୍ଟୱେର ବ୍ୟବହାର କରାଯାଏ।**

**ଉଦାହରଣ – ମ୍ୟାକ୍ଆଫି, ସିମାଣ୍ଟେକ୍, କ୍ୱିକ୍ ହିଲ୍**

**ଆଣ୍ଟି-ସ୍ପାମ୍** – ଇଣ୍ଟରନେଟ୍ ସହ କମ୍ପ୍ୟୁଟର ସଂଯୁକ୍ତ ହୋଇଥିବା ସମୟରେ ଗୃହୀତ ହୋଇଥିବା ଅନାବଶ୍ୟକ ବାର୍ତ୍ତାଗୁଡ଼ିକ ହେଉଛି ସ୍ପାମ୍ । ଏକ ନାମାଙ୍କନ ସେଣ୍ଟରରେ ନାମାଙ୍କନ କାର୍ଯ୍ୟକୁ ସ୍ପାମ୍ ମନ୍ଥର କରିଦେଇପାରନ୍ତି ।

**ଉଦାହରଣ – ମ୍ୟାକାଫି ଆଣ୍ଟି ସ୍ପାମ୍, କମୋଡୋ**

**ଆପ୍ଲିକେସନ୍ ସଫ୍ଟୱେର – କମ୍ପ୍ୟୁଟର ଆମ ଭାଷା ବୁଝେ ନାହିଁ । ଏହାର ନିଜର ସ୍ୱତନ୍ତ୍ର ଭାଷା ରହିଛି । ଆପ୍ଲିକେସନ୍ ସଫ୍ଟୱେର କମ୍ପ୍ୟୁଟର ଏବଂ ବ୍ୟବହାରକାରୀଙ୍କ ମଧ୍ୟରେ ଏକ ବ୍ରିଜ୍ ଭଳି କାମ କରେ । କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଏହା ଡିଜାଇନ୍ କରାଯାଇଛି ।**

**ଉଦାହରଣ – ଏମ୍ଏସ୍ ୱର୍ଡ, ଏମ୍ଏସ୍ ପାୱାର ପଏଣ୍ଟ, ଆଧାର ନାମାଙ୍କନ କ୍ଲାଏଣ୍ଟ ସଫ୍ଟୱେର**

## ପ୍ରିଣ୍ଟର

ପ୍ରିଣ୍ଟର ହେଉଛି କମ୍ପ୍ୟୁଟର ସହ ସଂଯୁକ୍ତ ହୋଇଥିବା ଏକ ପାରିପାର୍ଶ୍ୱିକ ଉପକରଣ ଏବଂ ଏକ କାଗଜ କପି କିମ୍ବା ହାର୍ଡ କପି (ସ୍ଥାୟୀ ଭାବେ ପଢ଼ି ହେଉଥିବା ପାଠ ଏବଂ ଗ୍ରାଫିକ୍ସ) ବାହାର କରିବା ପାଇଁ ବ୍ୟବହାର କରାଯାଏ । ସାଧାରଣତଃ, ପ୍ରିଣ୍ଟର **USB** କେବୁଲ ସାହାଯ୍ୟରେ କମ୍ପ୍ୟୁଟର ସହ ସଂଯୁକ୍ତ ହୋଇଥାଏ । ପ୍ରିଣ୍ଟରକୁ ଏକ ବାହ୍ୟ ବିଦ୍ୟୁତ୍ ଉତ୍ସରୁ ଶକ୍ତି ଯୋଗାଇ ଦିଆଯାଏ ।

ନିମ୍ନରେ ଦିଆଯାଇଥିବା ଚିତ୍ର **26**ରେ ଏକ ପ୍ରିଣ୍ଟର ବିଭିନ୍ନ ଅଂଶ ଦର୍ଶାଯାଇଛି ।




**ଚିତ୍ର 26: ପ୍ରିଣ୍ଟର**

ସଂପୂର୍ଣ୍ଣ ନାମାଙ୍କନ ପ୍ରକ୍ରିୟା ସଫଳତାର ସହ ପୂରଣ ହୋଇସାରିବା ପରେ ଏକ ଆକନଲେଜମେଣ୍ଟ କପି (ଏନରୋଲିଙ୍କର କପି) ଏବଂ କନସେଣ୍ଟ ଫର୍ ଏନରୋଲମେଣ୍ଟ ସ୍ଲିପ୍ (ଅଫିସ୍ କପି) ପ୍ରିଣ୍ଟ କରିବା ପାଇଁ ପ୍ରିଣ୍ଟର ବ୍ୟବହୃତ ହୁଏ ।

# ନାମାଙ୍କନ ଅପରେଟର୍ କ'ଣ କରିବେ ଓ କ'ଣ କରିବେ ନାହିଁ

## କ'ଣ କରିବେ-ଏକକାଳୀନ କାର୍ଯ୍ୟକଳାପ

- ✓ ଆଧାର ପାଇଁ **ଏନରୋଲ୍** ହୋଇଥିବେ ଓ ତାଙ୍କର ଆଧାର/ନାମାଙ୍କନ ନମ୍ବର୍ ଥିବ
- ✓ ପରୀକ୍ଷା ନେବା ପାଇଁ **UIDAI** ମନୋନିତ ପ୍ରମାଣୀକରଣ ଏଜେନ୍ସି ଦ୍ୱାରା ରେଜିଷ୍ଟର୍ ହୁଅନ୍ତୁ ଓ **ସାର୍ଟିଫାଏ** ହୁଅନ୍ତୁ
- ✓ ଏକ ୟୁନିକ୍ ଅପରେଟର୍ **AD** ସହିତ ନାମାଙ୍କନ ଏଜେନ୍ସି ଦ୍ୱାରା **ଆକ୍ଟିଭେଟ୍ ହୁଅନ୍ତୁ**
- ✓ ଆଧାର କ୍ଲାଇଣ୍ଟ ସଫ୍ଟୱେର୍ ରେ ବାୟୋମେଟ୍ରିକ୍ ଦେଇ **ଅନ୍-ବୋର୍ଡ** (ଏନରୋଲ୍) ହୁଅନ୍ତୁ

## କ'ଣ କରିବେ-**ଦିନର ଆରମ୍ଭ**

- ✓ ନିଜର ଅପରେଟର୍ **ID** ଓ ଆଙ୍ଗୁଠି ଚିହ୍ନରେ ଲଗ୍ ଇନ୍ କରନ୍ତୁ
- ✓ ଲଗ୍ ଇନ୍ ପରେ କମ୍ପ୍ୟୁଟର୍ ରେ **ସମୟ ଓ ତାରିଖ** ସେଟିଙ୍ଗ୍ ସେହି ସମୟର୍ ଥିବା ସୁନିଶ୍ଚିତ କରନ୍ତୁ
- ✓ ବାୟୋମେଟ୍ରିକ୍ ଉପକରଣ, ପ୍ରିଣ୍ଟର୍ ଇତ୍ୟାଦି ର ସଂଯୋଗ ସୁନିଶ୍ଚିତ କରିବାକୁ ଲଗ୍ ଇନ୍ ପରେ ଫୁଟର୍ ସ୍ଥାନ ଯାଞ୍ଚ କରନ୍ତୁ ଅର୍ଥାତ୍ ବାମ ପଟର ତଳକୁ କଣରେ ଥିବା ଆଇକନ୍ ଗୁଡିକ ଯାଞ୍ଚ କରନ୍ତୁ
- ✓ ଲଗ୍ ଗୁଡିକ ଇଣ୍ଟିମେଟ୍ କରୁଥିବାବେଳେ ପ୍ରତି ଥର ଦୃଶ୍ୟମାନ ହେଉଥିବା ପପ୍ ଅପ୍ ମେସେଜ୍ **last Sync** ଓ **time left for export**କୁ ଯାଞ୍ଚ କରନ୍ତୁ **।** ସେହି ଅନୁସାରେ **EA** ସୁପରଭାଇଜର୍ ଙ୍କୁ ଜଣାନ୍ତୁ
- ✓ ଅତି କମରେ ୨୪ ଘଣ୍ଟାରେ ଥରେ **GPS** କୋ-ଅର୍ଡିନେଟ୍ କ୍ୟାପଚର୍ କରନ୍ତୁ
- ✓ *ସିଟ୍ କୁ ଛାଡି ଯାଉଥିବାବେଳେ ଆପ୍ଲିକେସନ୍ କୁ ଲଗ୍ ଅଫ୍ କରନ୍ତୁ*

## କ'ଣ କରିବେ-**ନାମାଙ୍କନ ସମୟରେ**

- ✓ ନାମାଙ୍କନ ସମୟରେ ଡକ୍ୟୁମେଣ୍ଟ୍ ଗୁଡିକ ଟ୍ରେ' ରେ ରଖନ୍ତୁ ଓ ସେଗୁଡିକୁ ଭାଙ୍ଗନ୍ତୁନି
- ✓ ବାସିନ୍ଦାଙ୍କ ନାମାଙ୍କନ ଫର୍ମ ଯାଞ୍ଚ ହୋଇଥିବାର ଦେଖନ୍ତୁ**(**ଯାଞ୍ଚକର୍ତ୍ତାଙ୍କ ହସ୍ତାକ୍ଷର**/**ଟିପଚିହ୍ନ ଓ ଷ୍ଟାମ୍ପ**/**ମୋହର ଥିବ**) ।**
- ✓ ନାମାଙ୍କନ ଫର୍ମ ରେ ବାସିନ୍ଦାଙ୍କ ହସ୍ତାକ୍ଷର**(**ଦସ୍ତଖତ**)/**ଟିପ ଚିହ୍ନ ଥିବ
- ✓ ଇଣ୍ଟ୍ରୋଡ୍ୟୁସର୍**/HoF** ଆଧାରିତ ନାମାଙ୍କନ କ୍ଷେତ୍ରରେ ଫର୍ମରେ ଇଣ୍ଟ୍ରୋଡ୍ୟୁସର୍**/HoF**ଙ୍କ ବିବରଣୀ ସହିତ ହସ୍ତାକ୍ଷର **(**ଦସ୍ତଖତ**)/**ଟିପ ଚିହ୍ନ ଥିବା ଯାଞ୍ଚ କରନ୍ତୁ
- ✓ ବାସିନ୍ଦାଙ୍କୁ ସୁବିଧାରେ ରଖନ୍ତୁ
- ✓ ନାମାଙ୍କନ ସମୟରେ ବାସିନ୍ଦାଙ୍କ ସ୍କ୍ରିନ୍ ସର୍ବଦା **ଅନ୍** ଥିବା ସୁନିଶ୍ଚିତ କରନ୍ତୁ, ପଏଣ୍ଟର୍ କରାଯାଇଥିବା ଡାଟାକୁ ଆଉଥରେ ଯାଞ୍ଚ କରିନେବାକୁ ବାସିନ୍ଦାଙ୍କୁ କୁହନ୍ତୁ
- ✓ ସଫ୍ଟୱେର୍ କ୍ଲାଇଣ୍ଟ ରେ ଦିଆଯାଇଥିବା ଡାଟା କ୍ୟାପଚର୍ ର **କ୍ରମ** ଅନୁସରଣ କରନ୍ତୁ
- ✓ ନାମାଙ୍କନ ଫର୍ମରେ କୌଣସି ସଂଶୋଧନର ଆବଶ୍ୟକତା ଥିଲେ କିମ୍ବା ନାମାଙ୍କନ ଫର୍ମରେ ପ୍ରବେଶ କରାଯାଥିବା ତଥ୍ୟରେ କୌଣସି ପରିବର୍ତ୍ତନ ପାଇଁ ବାସିନ୍ଦା ଜୋର୍ ଦେଲେ, ତୁରନ୍ତ ରେଜିଷ୍ଟ୍ରାର୍ ଙ୍କୁରିପୋର୍ଟ କରିବା ଉଚିତ **।**

## କ'ଣ କରିବେ-**ଜନସାଂଖ୍ୟିକୀୟ ଡାଟା କ୍ୟାପଚର୍ ସମୟରେ**

- ✓ ଯାଞ୍ଚ କରାଯାଇଥିବା ନାମାଙ୍କନ ପତ୍ର ପାଇଁ **ସମସ୍ତ** ଜନସାଂଖ୍ୟିକୀୟ ଡାଟା ଏଣ୍ଟର୍ କରନ୍ତୁ
- ✓ ବନାନ, ଶୂନ୍ୟ ସ୍ଥାନ, ବିରାମ ଚିହ୍ନ, ବଡ ଓ ଛୋଟ ଅକ୍ଷର ଇତ୍ୟାଦି ଆଉଥରେ ଯାଞ୍ଚ କରନ୍ତୁ
- ✓ **ଟ୍ରାନ୍ସଲିଟରେଟ୍ କରାଯାଇଥିବା ତ୍ରୁଟିଗୁଡ଼ିକ ଯାଞ୍ଚ କରି ସଂଶୋଧନ କରନ୍ତୁ, ଯେମିତି କି ବନାନରେ ତ୍ରୁଟି, ଇତ୍ୟାଦି, ଯଦି କିଛି ଥାଏ।**
- ✓ ପ୍ରାକ୍-ନାମାଙ୍କନ ଡାଟା କ୍ଷେତ୍ରରେ ପ୍ରାକ୍-ନାମାଙ୍କନ **ID** ବ୍ୟବହାର କରି ରିଟ୍ରାଇଭ୍ କରାଯାଇଥିବା ଡାଟା ନାମାଙ୍କନ ଫର୍ମ ସହିତ ମିଳାଇ ଏନରୋଲ୍ ହେଉଥିବା ବାସିନ୍ଦାଙ୍କର ବୋଲି ସୁନିଶ୍ଚିତ କରାନ୍ତୁ।
- ✓ ଯାଞ୍ଚ କରାଯାଇଥିବା ନାମାଙ୍କନ ଫର୍ମ ବିବରଣୀ ଅନୁସାରେ ପ୍ରାକ୍-ନାମାଙ୍କନ ଡାଟା ଯାଞ୍ଚ କରି ସଂଶୋଧନ କରନ୍ତୁ
- ✓ ଆଙ୍ଗୁଠି ବା ଆଖିର ସାମୟିକ କ୍ଷତି ହୋଇଥିବା କ୍ଷେତ୍ରରେ ଏହାକୁ ବ୍ୟତିକ୍ରମ ଭାବରେ ରେକର୍ଡ କରନ୍ତୁ। ନିଜର ବାୟୋମେଟ୍ରିକ୍ ଅପଡେଟ୍ ପରେ କରିବାକୁ ବାସିନ୍ଦାଙ୍କୁ କୁହନ୍ତୁ
- ✓ ସହାନୁଭୂତିଶୀଳ ଓ ଭଦ୍ର ରୁହନ୍ତୁ ମାତ୍ର ବାୟୋମେଟ୍ରିକ୍ ବ୍ୟତିକ୍ରମ ଯାଞ୍ଚ କରୁଥିବାବେଳେ ସ୍ଥିର ରୁହନ୍ତୁ

## କ'ଣ କରିବେ-**ରେଫରେନ୍ସ ଓ ବ୍ୟାଙ୍କିଙ୍ଗ୍ ଡାଟା କ୍ୟାପଚର୍ ସମୟରେ**

- ✓ ଡକ୍ୟୁମେଣ୍ଟ୍ ଯାଞ୍ଚ କ୍ଷେତ୍ରରେ ତତ୍ ସମ୍ବନ୍ଧିତ ଡକ୍ୟୁମେଣ୍ଟ୍ ଗୁଡ଼ିକର ନାମ ବାଛନ୍ତୁ
- ✓ **ବାସିନ୍ଦାଙ୍କ ଦ୍ୱାରା ଜମା କରାଯାଇଥିବା ଡକ୍ୟୁମେଣ୍ଟ୍ ଗୁଡ଼ିକର ମୋଟ ସଂଖ୍ୟା ସର୍ବଦା ଏଣ୍ଟର୍ କରନ୍ତୁ**

## କ'ଣ କରିବେ-**ବାଇଓମେଟ୍ରିକ୍ କ୍ୟାପ୍ଚର୍ ସମୟରେ**

- ✓ *ବାୟୋମେଟ୍ରିକ୍ ସୂଚନା କ୍ୟାପଚର୍ କରୁଥିବାବେଳେ ବାସିନ୍ଦାଙ୍କୁ ସାହାଯ୍ୟ କରନ୍ତୁ ଓ ପ୍ରୋତ୍ସାହନ ଦିଅନ୍ତୁ*

## କ'ଣ କରିବେ-**ଫଟୋ ଉଠାଇବା ସମୟରେ**

- ✓ *ବ୍ୟାକ୍ ଗ୍ରାଉଣ୍ଡ ରେ ଏକ **ଧଳା** ବୋର୍ଡ଼ ଥିବା ସୁନିଶ୍ଚିତ କରନ୍ତୁ*
- ✓ କ୍ୟାମେରାଟିରେ **ଅଟୋ ଫୋକସ୍** ଓ **ଅଟୋକ୍ୟାପଚର୍** ଫଙ୍କସନ୍ ଥିବା ସୁନିଶ୍ଚିତ କରନ୍ତୁ
- ✓ **ନିରପେକ୍ଷ (**ହସୁନଥିବା**) ଭାବଭଙ୍ଗୀ**ରେ, ଦାନ୍ତ ବନ୍ଦ ଥାଇ, ଓ ଆଖି ଦୁଇଟି ଖୋଲା ଥାଇ ଏବଂ କ୍ୟାମେରାକୁ ଅନାଇଥିବା ଅବସ୍ଥାରେ ଏନରୋଲିଙ୍କ ମୁହଁ କ୍ୟାପଚର୍ କରନ୍ତୁ
- ✓ କ୍ୟାପଚର୍ ବିଫଳ ହେଲେ **Quality Details** ଆଇକନ୍ ବ୍ୟବହାର କରି **actionable feedback** ଯାଞ୍ଚ କରନ୍ତୁ।
- ✓ ମୁହଁର ଛବି ଉଠାଇବା ସରିଗଲେ ଟେବୁଲ୍ ଲାଇଟ୍ ବନ୍ଦ କରିଦିଅନ୍ତ
- ✓ ଯଦି ବାସିନ୍ଦା ପିଲା ହୋଇଥାଏ ଏବଂ ସ୍କ୍ରୀନ୍ ରେ ନିଜ ମୁହଁ ଦେଖି ବିଚଳିତ ହେଉଥିଲେ, ବାସିନ୍ଦାଙ୍କ ଆଡ଼କୁ ଥିବା ରିଭ୍ୟୁ ସ୍କ୍ରୀନ୍ କୁ ବନ୍ଦ କରାଯାଇପାରିବ।

## କ'ଣ କରିବେ-**ଆଙ୍ଗୁଠି ଚିହ୍ନ କ୍ୟାପଚର୍ ସମୟରେ**

- ✓ **୫ ବର୍ଷ କିମ୍ବା ତାହାଠାରୁ ଉର୍ଦ୍ଧ ବୟସ୍କ ବାସିନ୍ଦାଙ୍କ ପାଇଁ ଆଙ୍ଗୁଠିଚିହ୍ନ କ୍ୟାପଚର୍ କରିବା ବାଧ୍ୟତାମୂଳକ ଅଟେ**
- ✓ *ନିୟମିତ ଭାବରେ ଫିଙ୍ଗର୍ ପ୍ରିଣ୍ଟ ଉପକରଣର **ପ୍ଲାଟେନ୍ କୁ ସଫା କରିବା** ପାଇଁ ରୁମ ବାହାରିନଥିବା କପଡା ବ୍ୟବହାର କରନ୍ତୁ*

- ✓ କ୍ୟାପଚର୍ ବିଫଳ ହେଲେ ଆଇକନ୍ **Quality Details** ବ୍ୟବହାର କରି **actionable feedback**ଦେଖନ୍ତୁ
- ✓ ଛିଡା ହୋଇଥିବା ଅବସ୍ଥାରେ ଆଙ୍ଗୁଠି ଚିହ୍ନ ସବୁଠାରୁ ଭଲଭାବରେ ଉଠୁଥିବାରୁ ବାସିନ୍ଦାଙ୍କୁ ଛିଡା ହେବାକୁ କୁହନ୍ତୁ
- ✓ ଅତିରିକ୍ତ ଆଙ୍ଗୁଠି ଥିଲେ ଅତିରିକ୍ତ ଆଙ୍ଗୁଠି ପ୍ରତି ଧ୍ୟାନ ଦିଅନ୍ତୁନି | ମୁଖ୍ୟ ପାଞ୍ଚୋଟି ଆଙ୍ଗୁଠି କ୍ୟାପଚର୍ କରନ୍ତୁ
- ✓ ମେହେନ୍ଦୀ ପେଷ୍ଟ ବା ଅନ୍ୟ କିଛି ପଦାର୍ଥ ହେତୁ ହାତ କଳା ପଡିଥିଲେ ସାଧାରଣ ଭାବରେ କ୍ୟାପ୍ଚର୍ କରନ୍ତୁ
- ✓ ହାତ ଘୋରି ହୋଇଯାଇଥିଲେ ସାଧାରଣ ଭାବରେ କ୍ୟାପ୍ଚର୍ କରନ୍ତୁ | ବାସିନ୍ଦାଙ୍କୁ ହାତ ଘଷିବା ପାଇଁ କହିପାରିବେ |
- ✓ ଫାଟିଥିବାରେଖାଗୁଡ଼ିକମାମଲାରେ, ନର୍ମାଲ୍ଭାବେକ୍ୟାପଚର୍କରନ୍ତୁ | ବାସିନ୍ଦାଙ୍କୁନିଜହାତଘଷିବାକୁକୁହାଯାଇପାରେ |
- ✓ ଆବଶ୍ୟକସ୍ଥଳେବାସିନ୍ଦାଙ୍କହାତପୋଛିବାକୁଏକଶୁଖିଲାଓଏକଓଦାକନାରଖନ୍ତୁ |

## କ'ଣ କରିବେ-**ଆଇରିସ୍ କ୍ୟାପଚର୍ ସମୟରେ**

- ✓ *୫ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ ବାସିନ୍ଦାଙ୍କ ପାଇଁ ଆଇରିସ୍ କ୍ୟାପଚର୍* ***ବାଧ୍ୟତାମୂଳକ*** *ବୋଲି ମନେରଖନ୍ତୁ |*
- ✓ *ସାଧାରଣତଃ ଆଇରିସ୍ କ୍ୟାପଚର୍ ଉପକରଣଟିକୁ ବାସିନ୍ଦାଙ୍କୁ ନଦେଇ ନିଜେ ଧରନ୍ତୁ*
- ✓ *ପିଲା, ଅନ୍ୟ ଡରୁଆ ବାସିନ୍ଦାଙ୍କୁ କୁହନ୍ତୁ ଯେ, ଆଇରିସ୍ ସ୍କାନ୍ ପ୍ରକ୍ରିୟା ଏକ ସରଳ ଓ ସୁରକ୍ଷିତ ପ୍ରକ୍ରିୟା, ଯେହେତୁ ଏହା ସାଧାରଣ ଫଟୋ ଉଠାଇଥାଏ*
- ✓ *ଏନରୋଲିଙ୍କ ଆଖି ଉପରେ* ***କୌଣସି ପ୍ରତ୍ୟକ୍ଷ ବା କୃତ୍ରିମ ଆଲୋକ*** *ଯେପରି ନପଡେ ତାହା ସୁନିଶ୍ଚିତ କରନ୍ତୁ*
- ✓ *ଉପକରଣଟିକୁ* ***ସ୍ଥିର*** *ଭାବରେ ଧରନ୍ତୁ | ବାସିନ୍ଦାଙ୍କ ଦ୍ୱାରା ଧରିବାକୁ ପଡୁଥିଲେ ଉପକରଣଟିକୁ ଧରିବାରେ ବାସିନ୍ଦାଙ୍କୁ ସାହାଯ୍ୟ କରନ୍ତୁ |*
- ✓ *ଆଇରିସ୍ ସ୍କାନ୍ ସମୟରେ ବାସିନ୍ଦା ଜଣଙ୍କୁ ଅସୁବିଧା ଲାଗୁଥିଲେ ଓ ପୁନର୍ବାର କ୍ୟାପଚର୍ କରିବାକୁ ପଡୁଥିଲେ ଅନ୍ୟ ବିବରଣୀ କ୍ୟାପଚର୍ କରିବାକୁ ପରବର୍ତ୍ତୀସ୍କ୍ରିନ୍ କୁ ଯାଆନ୍ତୁ ଓ ତା ପରେ ଆଇରିସ୍ କ୍ୟାପଚର୍ କୁ ଫେରନ୍ତୁ | ଏହା ଆଇରିସ୍ କ୍ୟାପଚର୍ ସମୟରେ ସ୍ଥିର ଭାବରେ ଆଖିକୁ ମେଲାଇ ରଖିବାରୁ ବାସିନ୍ଦାଙ୍କୁ ଆରାମ ଦେବ |*
- ✓ *କ୍ୟାପଚର୍ ସମୟରେ ଧୈର୍ଯ୍ୟ ଧରନ୍ତୁ ଓ ସ୍କ୍ରୋଲିଙ୍ଗ୍, ନେଭିଗେଟିଙ୍ଗ୍ ବ୍ୟାକ୍ ଓ ଫୋର୍ଥ ସ୍କ୍ରିନ୍ କୁ ଯିବା ପରିବର୍ତ୍ତେ ଉପକରଣଟିର ପ୍ରତିକ୍ରିୟାକୁ ଅପେକ୍ଷା କରନ୍ତୁ |*
- ✓ କ୍ୟାପଚର୍ ବିଫଳ ହେଲେ ଆଇକନ୍ **Quality Details** ବ୍ୟବହାର କରି **actionable feedback**ଦେଖନ୍ତୁ

## କ'ଣ କରିବେ-**ରିଭ୍ୟୁ, କନଫର୍ମେସନ୍ ଓ ପ୍ରିଣ୍ଟ୍ ବେଳେ**

- ✓ *ଡାଟା କ୍ୟାପଚର୍ କରିବା ପ୍ରକ୍ରିୟା ସଂପୂର୍ଣ୍ଣତା ଯାଞ୍ଚ କରିବାକୁ ସ୍କ୍ରିନ୍ ର ଉପର ବାର୍ ରେ, ସ୍କ୍ରିନ୍ ନାମ ପାଖରେ ଥିବା* ***ରଙ୍ଗ (ନାଲି ସବୁଜ ନାରଙ୍ଗୀ)*** *ଯାଞ୍ଚ କରନ୍ତୁ*
- ✓ ବାସିନ୍ଦାଙ୍କ ପଟକୁ ବୁଲିକି ଥିବା ମନିଟର୍ କୁ ଦେଖି ରେକର୍ଡ କରାଯାଇଥିବା ଡାଟା **ଲକ୍ଷ୍ୟ କରିବାକୁ ଓ ଯାଞ୍ଚ** କରିବାକୁ ବାସିନ୍ଦାଙ୍କୁ କୁହନ୍ତୁ
- ✓ **ବାସିନ୍ଦା ଅନ୍ଧ ଥିଲେ କିମ୍ବା ପଢିପାରୁନଥିଲେ କିମ୍ବା ଆବଶ୍ୟକ ଥିଲେ ସ୍କ୍ରିନ୍ ରେ ଥିବା ଟେକ୍ସଟ୍ ପଢନ୍ତୁ**
- ✓ କୌଣସି ତ୍ରୁଟି ଥିଲେ ରେକର୍ଡ୍ କରାଯାଇଥିବା ଡାଟା ସଂଶୋଧନ କରନ୍ତୁ ଓ ବାସିନ୍ଦାଙ୍କ ସହିତ ପୁନଃ ଅବଲୋକନ କରନ୍ତୁ
- ✓ ଏନରୋଲିଙ୍କ ବାୟୋମେଟ୍ରିକ୍ ବ୍ୟତିକ୍ରମ ଥିଲେ ସୁପରଭାଇଜର୍ ଙ୍କ ସାଇନ୍ ଅଫ୍ ନିଅନ୍ତୁ
- ✓ ଇଣ୍ଟ୍ରୋଡ୍ୟୁସର୍/**HoF**ଆଧାରିତ ଯାଞ୍ଚ କ୍ଷେତ୍ରରେ ଇଣ୍ଟ୍ରୋଡ୍ୟୁସର୍/**HoF**ଙ୍କ ସାଇନ୍ ଅଫ୍ ନିଅନ୍ତୁ
- ✓ ନାମାଙ୍କନ ପାଇଁ ସହମତି ଉପରେ ବାସିନ୍ଦାଙ୍କ **ହସ୍ତାକ୍ଷର** ବା **ଟିପ ଚିହ୍ନ** ନିଅନ୍ତୁ |

- ✓ ବାସିନ୍ଦା ଜଣଙ୍କ ୫ ବର୍ଷରୁ କମ ବୟସ୍କ ଶିଶୁ ହୋଇଥିଲେ ତାଙ୍କର ବାପା/ମାଆ/ଅଭିଭାବକ, ଯାହାଙ୍କର ନାମାଙ୍କନ ID ସଫ୍ଟୱେର୍ ରେ ରେକର୍ଡ୍ କରାଯାଇଥାଏ, ସେ ସହମତି ଉପରେ ନିଜର ହସ୍ତାକ୍ଷର/ଟିପ ଚିହ୍ନ ଦେବେ
- ✓ ଇଣ୍ଟ୍ରୋଡ୍ୟୁସର୍ ଆଧାରିତ ଯାଞ୍ଚ କ୍ଷେତ୍ରରେ ଇଣ୍ଟ୍ରୋଡ୍ୟୁସର୍ ବାସିନ୍ଦାଙ୍କ ନାମାଙ୍କନ ଏଣ୍ଡୋର୍ସିଙ୍ଗ୍ ପାଇଁ ସହମତି ଉପରେ ହସ୍ତାକ୍ଷର/ଟିପଚିହ୍ନ ଦେବା ଉଚିତ
- ✓ **ହସ୍ତାକ୍ଷର କରନ୍ତୁ ଓ ସ୍ୱୀକୃତିପତ୍ରରେ ମୋହର ମାରନ୍ତୁ । ସ୍ୱୀକୃତିପତ୍ର (ବାସିନ୍ଦାଙ୍କ ନକଲ)କୁ ବାସିନ୍ଦାଙ୍କୁ ଦିଅନ୍ତୁ ।**
- ✓ ବାସିନ୍ଦାଙ୍କୁ ସ୍ୱୀକୃତିପତ୍ର ଦେବାବେଳେ ବାସିନ୍ଦାଙ୍କୁ **ଜଣାନ୍ତୁ** ଯେ-
  - ସ୍ୱୀକୃତିପତ୍ର ଉପରେ ପ୍ରିଣ୍ଟ ହୋଇଥିବା ନାମାଙ୍କନ ନମ୍ବର୍ ଆଧାର ନମ୍ବର୍ **ନୁହେଁ** ଓ ପରବର୍ତ୍ତୀ ସମୟରେ ଏକ ଚିଠି ମାଧ୍ୟମରେ ଆଧାର ନମ୍ବର୍ ପଠାଇଦିଆଯିବ । ଏହି ବାର୍ତ୍ତା ସ୍ୱୀକୃତିପତ୍ରରେ ମଧ୍ଯ ଛପା ହୋଇଛି ।
  - ଭବିଷ୍ୟତରେ ରେଫରେନ୍ସ ପାଇଁ ବାସିନ୍ଦା ନିଜର ଓ ନିଜ ପିଲାମାନଙ୍କର ନାମାଙ୍କନ ସ୍ୱୀକୃତିପତ୍ର ସାଇତି ରଖିବା ଉଚିତ
  - **୯୬ ଘଣ୍ଟା** ମଧ୍ୟରେ ବାସିନ୍ଦାଙ୍କ ଡାଟା ସଂଶୋଧନ କରାଯାଇପାରିବ, ତେଣୁ କୌଣସି ତ୍ରୁଟି ଥିଲେ ସେମାନେ ଏହି ସୁବିଧା ଉପଭୋଗ କରିପାରିବେ ।
  - ଆଧାର ଜେନେରେସନ୍ **ଷ୍ଟାଟସ୍** ଜାଣିବାକୁ ସେମାନେ କଲ୍ ସେଣ୍ଟର୍ କୁ କଲ୍ କରିପାରିବେ କିମ୍ବା ଇ-ଆଧାର ପୋର୍ଟାଲ୍/ଆଧାର ପୋର୍ଟାଲ୍/ୱେବସାଇଟ୍ ରେ ଲଗ୍ ଅନ୍ କରିପାରିବେ
  - ଆଧାର ନମ୍ବରଟି ସ୍ଥାନୀୟ ପୋଷ୍ଟ ଅଫିସ୍/କିମ୍ବା ଅନ୍ୟ ଅଧିକୃତ ଏଜେନ୍ସି ଦ୍ୱାରା ନାମାଙ୍କନ ସମୟରେ ଦିଆଯାଇଥିବା ଠିକଣାରେ ପଠାଇଦିଆଯିବ ।

## କ'ଣ କରିବେ-**ଡକ୍ୟୁମେଣ୍ଟ ମ୍ୟାନେଜମେଣ୍ଟ ସମୟରେ**

- ✓ *ନାମାଙ୍କନ ସଂପୂର୍ଣ୍ଣ ହେବା* ***ପରେ*** *ତତକ୍ଷଣାତ୍ ଡକ୍ୟୁମେଣ୍ଟ ସେଟ୍ କୁ ମିଳାନ୍ତୁ* ***ଷ୍ଟାପଲ୍*** *କରି ବାମ ହାତ କଡରେ ରଖିଦିଅନ୍ତୁ* । ବାସିନ୍ଦାଙ୍କ ଡକ୍ୟୁମେଣ୍ଟ ଗୁଡିକ ଯେପରି ଉପରେ ନାମାଙ୍କନ ଫର୍ମ ରଖି ତାହା ସହିତ **ଏକାଠି ଟ୍ୟାଗ୍** କରି ରଖାଯାଇଥିବ ତାହା ସୁନିଶ୍ଚିତ କରନ୍ତୁ । **ଗୋଟିଏ ସେଟ୍ ରେ ଯେପରି ଜଣେ ବାସିନ୍ଦାଙ୍କ** ଡକ୍ୟୁମେଣ୍ଟ ଥିବ ତାହା ସୁନିଶ୍ଚିତ କରନ୍ତୁ ।
- ✓ ଡକ୍ୟୁମେଣ୍ଟ ଗୁଡିକ ସଠିକ ବାକ୍ସରେ ରଖନ୍ତୁ ଏବଂ **ଭାଙ୍ଗିବା** ଓ ଅଧିକା ଗଦା ମାରିବା ଭଳି କାର୍ଯ୍ୟକୁ ଏଡାନ୍ତୁ ।
- ✓ ଡକ୍ୟୁମେଣ୍ଟ ଗୁଡିକୁ ସିଧାସାଖ ସୂର୍ଯ୍ୟାଲୋକ, ଦହନୀୟ ପଦାର୍ଥ, ଧୂଳି ଓ ପାଣିରୁ ରକ୍ଷା କରନ୍ତୁ । ପରିବେଷ ସମ୍ବନ୍ଧୀୟ ବିପତ୍ତିରୁ ରକ୍ଷା କରିବାକୁ ଏକ ସେଟ୍ ଡକ୍ୟୁମେଣ୍ଟ ସାଇତିବାକୁ ଏକ **ପ୍ଲାଷ୍ଟିକ୍ କଭର୍** ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥାଏ ।
- ✓ **ଡକ୍ୟୁମେଣ୍ଟ ଗୁଡିକରେ ଲେଖନ୍ତୁନି; ପରବର୍ତ୍ତୀ ସମୟରେ ଏହା ବିଭ୍ରାନ୍ତ ସୃଷ୍ଟି କରିପାରେ**
- ✓ ସୂତା କିମ୍ବା ପ୍ୟାକିଙ୍ଗ୍ ଟେପ୍ ଲଗାଇ ଡକ୍ୟୁମେଣ୍ଟ ଗୁଡିକ ବାନ୍ଧନ୍ତୁନି । ଏହା ସ୍ଥାୟୀ ଭାବରେ ଡକ୍ୟୁମେଣ୍ଟ ଗୁଡିକୁ ନଷ୍ଟ କରିଦିଏ । ବାନ୍ଧିବା ଆବଶ୍ୟକ ହେଉଥିଲେ ଧାର ସୁରକ୍ଷିତ ରଖୁଥିବା PET ଷ୍ଟ୍ରାପ ବ୍ୟବହାର କରନ୍ତୁ ।
- ✓ **ନାମାଙ୍କନ ଅନୁସାରେ** ଡକ୍ୟୁମେଣ୍ଟ ଗୁଡିକ ଫାଇଲ୍ କରନ୍ତୁ ।
- ✓ ନାମାଙ୍କନ ଡକ୍ୟୁମେଣ୍ଟ ଗୁଡିକ ଯତ୍ନର ସହିତ ବ୍ୟବହାର କରନ୍ତୁ ଓ ନଷ୍ଟ ହେବାକୁ ଏବଂ ଚୋରିହେବାକୁ ଦିଅନ୍ତୁନି ।
- ✓ ଦିନର ଶେଷ ବେଳକୁ ଡକ୍ୟୁମେଣ୍ଟ ଗୁଡିକୁ ଆପଣଙ୍କର ସୁପରଭାଇଜର୍/ଅନ୍ୟ ନିଯୁକ୍ତ ଅଥୋରିଟିଙ୍କୁ ନିଶ୍ଚିତ ଭାବରେ ଦିଅନ୍ତୁ ।

## କ'ଣ କରିବେ-ଡକ୍ୟୁମେଣ୍ଟ୍ ମ୍ୟାନେଜମେଣ୍ଟ୍ ସମୟରେ (ସ୍କାନିଙ୍ଗ୍ ସୁବିଧା ଉପଲବ୍ଧ ଥିଲେ)

- ✓ ପ୍ରତି ଡକ୍ୟୁମେଣ୍ଟ୍ ର **ଅସଲଗୁଡିକ** ସ୍କାନ କରନ୍ତୁ
- ✓ ସ୍କାନ୍ ରେ ଡକ୍ୟୁମେଣ୍ଟ୍ ର ଇପ୍ସିତ ଅଂଶଗୁଡିକ(ଆଧାର ନାମାଙ୍କନ ସମୟରେ ଏଣ୍ଟର୍ କରାଯାଇଥିବା ଡାଟା) ଯେପରି **ସ୍ୱଷ୍ଟ ଦେଖାଯାଉଥିବ** ଓ ଡକ୍ୟୁମେଣ୍ଟ୍ ର ପୃଷ୍ଠାଗୁଡିକ ଗୋଟିଏ ଉପରେ ଗୋଟିଏ ହୋଇ ରହିନଥିବ ତାହା ସୁନିଶ୍ଚିତ କରନ୍ତୁ ।
- ✓ ଥରେ ସମସ୍ତ ଡକ୍ୟୁମେଣ୍ଟ୍ ପୃଷ୍ଠାଗୁଡିକ ସ୍କାନ୍ ହୋଇଗଲେ ସ୍କାନ୍ ହୋଇଥିବା ପୃଷ୍ଠାଗୁଡିକର ମୋଟ ସଂଖ୍ୟା **ଯାଞ୍ଚ** କରନ୍ତୁ ଓ ସମସ୍ତ ପୃଷ୍ଠା ସ୍କାନ ହୋଇଥିବାର ନିଶ୍ଚିତ କରନ୍ତୁ
- ✓ ସମସ୍ତ ଅସଲ ଡକ୍ୟୁମେଣ୍ଟ୍ ଗୁଡିକ ବାସିନ୍ଦାଙ୍କୁ ଫେରାଇ ଦିଅନ୍ତୁ ।

## କ'ଣ କରିବେ ନାହିଁ

- × ନାମାଙ୍କନ ପାଇଁ ବାସିନ୍ଦାଙ୍କଠାରୁ କୌଣସି ଦେୟ ମାଗନ୍ତୁ ନାହିଁ
- × କୌଣସି ବାସିନ୍ଦାଙ୍କ ବଦଳରେ ରହିବାକୁ ବ୍ୟକ୍ତିଙ୍କୁ ଅନୁମତି ଦିଅନ୍ତୁନି
- × **Mr, Miss, Mrs, Major, Retd** ଇତ୍ୟାଦି ଭଳି ଅଭିବାଦନ ଜନସାଂଖ୍ୟିକୀୟ ସେକ୍ସନ୍ ରେ ନାମ ଏଣ୍ଟର୍ କରିବା ସମୟରେ. ଅନ୍ତର୍ଭୁକ୍ତ କରନ୍ତୁନି
- × ଡାଟା କ୍ୟାପଚର୍ ସମୟରେ ଶୂନ୍ୟସ୍ଥାନ, ବିରାମ ଚିହ୍ନ ଓ ବଡ ଅକ୍ଷର ବ୍ୟବହାର କରନ୍ତୁନି
- × ବାସିନ୍ଦା କୌଣସି ଡାଟା ଦେଇନଥିବା ଫିଲ୍ଡ ରେ **N/A, NA** ଇତ୍ୟାଦି ଏଣ୍ଟର୍ କରନ୍ତୁନି । ସେହି ବାଧ୍ୟତାମୂଳକ ନଥିବା ଫିଲ୍ଡକୁଖାଲି ଛାଡିଦିଅନ୍ତୁ
- × ବାୟୋମେଟ୍ରିକ୍ସ କ୍ୟାପଚର୍ କରାଯାଇପାରୁଥିବା ସ୍ଥାନରେ ବାୟୋମେଟ୍ରିକ୍ ବ୍ୟତିକ୍ରମ ଚିହ୍ନ ଦିଅନ୍ତୁନି । ଏହା ' ଭୁଲ' ଅଟେ ଓ ଏଥିପାଇଁ କଠୋରତମ ଭରଣା କରିବାକୁପଡେ ।
- × ବାସିନ୍ଦାଙ୍କ ମୁହଁର ଛବି ନେଉଥିବାବେଳେ ବାସିନ୍ଦାଙ୍କ ମୁଣ୍ଡ ବୁଲି ନଥିବ କିମ୍ବା ଝୁଙ୍କି ନଥିବ
- × ମୁହଁର ଫଟୋ ନେଉଥିବାବେଳେ ବାସିନ୍ଦାଙ୍କୁ ଚୋବାଇବାକୁ ବା କଥା କହିବାକୁ ଦିଅନ୍ତୁନି
- × ସନ୍ ବ୍ଲର୍, ଅଧିକ କିମ୍ବା ଦେଖାଯାଉଥିବା, ଅପ୍ରାକୃତିକ ରଙ୍ଗର ଆଲୋକ ଥିବା ବା ବିରୂପୀକରଣ ହୋଇଥିବାକୌଣସି ମୁହଁ ଛବି ଗ୍ରହଣ କିମ୍ବା ରେକର୍ଡ କରନ୍ତୁନି
- × ନିରପେକ୍ଷ ନଥିବା(ହସୁଥିବା) ଅଙ୍ଗଭଙ୍ଗୀ, ଦାନ୍ତ ଦେଖାଯାଉଥିବା, ଗୋଟିଏ କିମ୍ବା ଉଭୟ ଆଖି ବନ୍ଦ ଥିବା ଓ କ୍ୟାମେରାକୁ ଚାହିଁନଥିବା ବାସିନ୍ଦାଙ୍କ କ୍ୟାପଚର୍ କରାଯାଇଥିବା ମୁହଁର ଛବି ଗ୍ରହଣ ବା ରେକର୍ଡ କରନ୍ତୁନି
- × ଏନରୋଲିଙ୍କ ଠିକ୍ ଉପରେ କୌଣସି ଆଲୋକ ବ୍ୟବହାର କରନ୍ତୁନି ଯେହେତୁ ଏହା ଛାଇ ସୃଷ୍ଟି କରିପାରେ
- × ମୁହଁର ଛବି ନେଉଥିବାବେଳେ ଗାଢ଼ା କିମ୍ବା ରଙ୍ଗୀନ ଚଷମାର ଅନୁମତି ଦିଅନ୍ତୁନି
- × ଧାର୍ମିକ କାରଣରୁ ନଥିଲେ ଟୋପି କିମ୍ବା ମୁଣ୍ଡ/ମୁହଁକୁ ଆବୃତ୍ତ କରୁଥିବା ଆବରଣର ଅନୁମତି ଦିଅନ୍ତୁନି । ପୂରା ଚେହେରା ସଂପୂର୍ଣ୍ଣ ଭାବରେ ଦୃଶ୍ୟମାନ ହେଉଥିବାର ସୁନିଶ୍ଚିତ କରନ୍ତୁ ।
- × ମୁହଁର ଛବି କ୍ୟାପଚର୍ କରୁଥିବାବେଳେ ମୁହଁର କୌଣସି ଅଂଶକୁ ଆବୃତ୍ତ କରୁଥିବା ପଦାର୍ଥର ଅନୁମତି ଦିଅନ୍ତୁନି

- × ଆପଣଙ୍କ ଦ୍ୱାରା ଦସ୍ତଖତ ହୋଇ ଆସୁଥିବା କୌଣସି ସ୍ଥାନରେ ଅନ୍ୟ କାହାକୁ ଦସ୍ତଖତ କରିବାକୁ ଦିଅନ୍ତୁନି
- × ଅନ୍ୟ ଅପରେଟର୍ ଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ନାମାଙ୍କନରେ ଆପଣ ଦସ୍ତଖତ କରନ୍ତୁନି
- × ବାସିନ୍ଦାଙ୍କ ଡକ୍ୟୁମେଣ୍ଟରେ ଲେଖନ୍ତୁନି
- × ରଶି କିମ୍ବା ପ୍ୟାକିଙ୍ଗ୍ ଟେପ୍ ବ୍ୟବହାର କରି ଡକ୍ୟୁମେଣ୍ଟଗୁଡିକ ସିଧାସଳଖ ବାନ୍ଧନ୍ତୁନି, ଯେହେତୁ ଏହା ଡକ୍ୟୁମେଣ୍ଟଗୁଡିକୁ ନଷ୍ଟ କରିଦିଏ
- × ବାସିନ୍ଦାଙ୍କଠାରୁ ସଂଗ୍ରହ କରାଯାଇଥିବା ଡକ୍ୟୁମେଣ୍ଟଗୁଡିକ ଷ୍ଟାପଲ ବାହାରକରନ୍ତୁନି, ଆଉଥରେ ଷ୍ଟାପଲ୍ କରନ୍ତୁନି କିମ୍ବା ଭାଙ୍ଗନ୍ତୁନି।
- × ଡକ୍ୟୁମେଣ୍ଟଗୁଡିକୁ ସିଧାସଳଖ ସୂର୍ଯ୍ୟାଲୋକ, ଦହନୀୟ ପଦାର୍ଥ, ଧୂଳି ଓ ପାଣିରେ ରଖନ୍ତୁନି।
- × ବାସିନ୍ଦାଙ୍କ ଡାଟାରେ ଗୋଟିଏଥରରୁ ଅଧିକଥର ସଂଶୋଧନ କରନ୍ତୁନି
- × ରାଗିକି ହଠାତ କିଛି କୁହନ୍ତୁନି କି ପ୍ରତିକ୍ରିୟା କରନ୍ତୁନି
- × ଅଧିକାଂଶ ଲୋକଙ୍କ ଦ୍ୱାରା ବୁଝିହେଉନଥିବା ଟେକ୍ନିକାଲ୍ ପଦ ବ୍ୟବହାର କରନ୍ତୁନି
- × ଅତିଶୀଘ୍ର ବା ଅତି ଧୀରେ କୁହନ୍ତୁନି
- × ନାମାଙ୍କନ ଫର୍ମରେ ନିଜେ କୌଣସି ପରିବର୍ତ୍ତନ କରନ୍ତୁମ ନାହିଁ। ଏପରିକି ବାସିନ୍ଦା କିଛି ସାମାନ୍ୟ ପରିବର୍ତ୍ତନ ପାଇଁ ଜୋର୍ ଦେଲେ ମଧ୍ୟ, ଅପରେଟର୍, ଯାଞ୍ଚକର୍ତ୍ତାଙ୍କୁ ରେଫର୍ କରିବା ଉଚିତ। ଏହିପରି ମାମଲାରେ ଅପରେଟର୍, ବାସିନ୍ଦାଙ୍କୁ ବିନମ୍ର ଭାବରେ ଯାଞ୍ଚକର୍ତ୍ତାଙ୍କ ପାଖକୁ ଯାଇ ଆବଶ୍ୟକ ପରିବର୍ତ୍ତନ କରି, ନାମାଙ୍କନ ଫର୍ମରେ ଯାଞ୍ଚକର୍ତ୍ତାଙ୍କ ସ୍ୱାକ୍ଷର ଆଣିବାକୁ କହିବେ।